## ବନ୍ଦପଡ଼ିଛି ତୁଷୁରା ମଧ୍ୟ ରାସ୍ତା କାମ



**ତୁଷୁରା,୨୫ ।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ବିଜ୍ଞାପିତ ପରିଷଦରେ ଦିନକୁ ଦିନ ବଢ଼ି ଚାଲିଛି ଟ୍ରାଫିକ ସମସ୍ୟା। ହେଲେ ଏ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟାର ସମାଧାନ ହୋଇ ପାରୁନି। ତୁଷୁରା ମଧ୍ୟ ରାସ୍ତା ଉନ୍ନତିକରଣ ପାଇଁ ଟେଣ୍ଡର ହୋଇଥିଲା, ହେଲେ କାମ ସରିନାହିଁ। ତୁଷୁରା ବିଜ୍ଞାପିତଅଞ୍ଚଳ ହୋଇ ମଧ୍ୟ ଏପରି ଅସୁବିଧା ହେଉଥିବାରୁ ଲୋକଙ୍କମନରେ ଅସନ୍ତୋଷ ବଢ଼ି ଚାଲିଛି। ୨୦୨୧-୨୨ରେ ପିଡବ୍ଲୁଡି ତରଫରୁ ତୁଷୁରା ମଧ୍ୟ ରାସ୍ତାର ଟେଣ୍ଡର ହୋଇଥିଲା କିନ୍ତୁ ଅଧା କାମ ହୋଇଛି ଓ ଟାଉନ ଭିତରର ସବୁ ରାସ୍ତା ଯେମିତିକୁ ସେମିତି ପଡ଼ି ରହିଛି। ଏନେଇ ପିଡବ୍ଲୁଡି ପ୍ରଧାନ ଜେଇଙ୍କୁ ପଚାରିବାରୁ ଠିକାଦାର କାମ କରିପାରୁ ନ ଥିବା କହିଥିଲେ। ଯେମିତି ଶୀଘ୍ର କାମ ସରିବ ସେନେଇ ତାଙ୍କୁ ଚିଠି କରିଛୁ। ଯଦି କାମ ଶୀଘ୍ର ଶେଷ ନ ହୁଏ ତାହେଲେ ଆମେ ଟେଣ୍ଡରକୁ ବାତିଲ କରି ନୂତନ ଟେଣ୍ଡର କରିବୁ ବୋଲି କହିଥିଲେ।

**ସର୍ପାଘାତ ନେଉଛି ଜୀବନ**

# ଦୁଇ ବର୍ଷରେ ଗଲାଣି ୪୪ ଜୀବନ

**ବଲାଙ୍ଗିର,୨୫ ।୩(ସମିସ)**

ବିଷଧର ସାପ ମୁହଁରେ ଯାଉଛି ଅନେକଙ୍କ ଜୀବନ। କିଛି ମାମଲା ସରକାରୀ ରିପୋର୍ଟକୁ ଆସୁଛି ଆଉ କିଛି ଲୁଚିଯାଉଛି। ବଲାଙ୍ଗିର ଜିଲ୍ଲାରେ ପ୍ରତିବର୍ଷ ସାପ ଦଂଶନର ଅନେକଙ୍କ ଜୀବନ ଯାଉଥିବା ବେଳେ ସରକାରୀ ତଥ୍ୟ ଅନୁସାରେ ଖୁବ କମ୍ ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉଥିବାବେଳେ ଅନେକ ଏଥିରୁ ବଞ୍ଚିତ ରହୁଛନ୍ତି। ସାପ କାମୁଡ଼ିବା ପରେ ଅନେକ ଆଭ୍ୟନ୍ତରୀଣ ଗ୍ରାମବାସୀ ଡାକ୍ତରଙ୍କ ପାଖକୁ ନ ନେଇ ଗୁଣିଆ ଭରସାରେ ରହୁଛନ୍ତି। ଫଳରେ ଲୋକେ ଜୀବନ ହାରିବା ପରେ ଆଉ ସେମାନେ ସରକାରୀ ସହାୟତା ପାଉନାହାନ୍ତି। ଯାହାକି ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହୁଥିବାରୁ ଏମିତି ହେଉଥିବା ଅଭିଯୋଗ ହୋଇଛି।

ପ୍ରତିବର୍ଷ ରାଜ୍ୟରେ ସାପ ଦଂଶନରେ ଅନେକ ଜୀବନ ହାରୁଛନ୍ତି। ସରକାରୀ ତଥ୍ୟ ଅନୁସାରେ ୨୦୨୩-୨୪ ବର୍ଷରେ ରାଜ୍ୟରେ ୧୧୫୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪-୨୫ ବର୍ଷରେ ୭୦୯ ଜଣଙ୍କର ମୃତ୍ୟୁ ଘଟିଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ୨୦୨୩-୨୪ ବର୍ଷରେ ୨୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪-୨୫ ବର୍ଷରେ ୨୦ ଜଣଙ୍କର ମୃତ୍ୟୁ ହୋଇସାରିଛି। ତେବେ ଏତେ ସଂଖ୍ୟାରେ ମୃତ୍ୟୁ ପଛର କାରଣ କ'ଣ ! ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇରହିଛି। ଡାକ୍ତରଖାନାମାନଙ୍କରେ ଠିକ ଭାବେ ଇଞ୍ଜେକ୍ସନ ଉପଲବ୍ଧ ନ ଥିବାରୁ ଅନେକ ସମୟରେ ରୋଗୀମାନଙ୍କ ମୃତ୍ୟୁ ହେଉଥିବାବେଳେ ଆଉ କିଛି ଘଟଣାରେ ସାପ କାମୁଡିବା ପରେ

### ଡାକ୍ତର ବଦଳରେ ଗୁଣିଆ ଭରସା

ରୋଗୀଙ୍କୁ ପରିବାରଲୋକେ ସିଧାସଳଖ ଡାକ୍ତରଖାନାକୁ ନଆଣି ଗୁଣିଆ ପାଖକୁ ଯାଇଥାନ୍ତି, ଯାହାଫଳରେ ମଧ୍ୟ ଅନେକ ସମୟରେ ରୋଗୀଙ୍କ ମୃତ୍ୟୁ ଘଟିଥାଏ। ତେବେ ସରକାରୀ ତଥ୍ୟ ଅନୁସାରେ ଦିଆଯାଉଥିବା ରିପୋର୍ଟ ଓ ବାସ୍ତବଚିତ୍ର ଭିନ୍ନ ରହିଛି। ବଲାଙ୍ଗିର ଜିଲ୍ଲାର ଅନେକ ସର୍ପାଘାତ ମୃତ୍ୟୁ ମାମଲା ସରକାରୀ ରିପୋର୍ଟକୁ ଆସୁ ନ ଥିବାବେଳେ ଖୁବ୍ କମ୍ ସଂଖ୍ୟକ ମାମଲା ସରକାରୀ ରିପୋର୍ଟରେ ଦର୍ଶାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ସରକାରୀ ନିୟମାନୁସାରେ ସର୍ପାଘାତଜନିତ ମୃତ୍ୟୁ ମାମଲାରେ ଦିଆଯାଉଥିବା ସହାୟତା ଲୋକେ ପାଉନାହାନ୍ତି। ସୂଚନା ଅନୁସାରେ ସର୍ପାଘାତରେ ମୃତ୍ୟୁ ହେଲେ ବ୍ୟବଚ୍ଛେଦ ରିପୋର୍ଟ ଓ ଭିସେରା ରିପୋର୍ଟକୁ ଭିତ୍ତିକରି ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଉକ୍ତ ସହାୟତା ରାଶି ପ୍ରଦାନ କରାଯାଇଥାଏ। ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାରେ ୨୦୨୩-୨୪ ବର୍ଷରେ ୨୪ ସର୍ପାଘାତ ଜନିତମୃତକଙ୍କ ମଧ୍ୟରୁ ୨୦ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ଗୋଟିଏ ମାମଲା ଖାରଜ ହୋଇଛି। ୩ ଜଣଙ୍କୁ ସହାୟତା ପ୍ରଦାନ କରିବା ଏବେବି ବାକି ରହିଥିବା ଜଣାପଡ଼ିଛି। ୨୦୨୪-୨୫ ବର୍ଷରେ ମୃତ୍ୟୁ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ ୧୩ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିବାବେଳେ ୭ ଜଣଙ୍କ ସହାୟତା ଏବେବି ବାକି ରହିଥିବା ଜଣାପଡ଼ିଛି। ତେବେ ସର୍ପାଘାତ ମୃତକଙ୍କ ସଂଖ୍ୟା ପ୍ରତିବର୍ଷ୨୦ରୁ ଅଧିକ ରହୁଥିବାବେଳେ ମୃତକଙ୍କ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳର ବୋଲି ଜଣାପଡ଼ିଛି। ଯାହାକୁ ଦୃଷ୍ଟିରେ ରଖି ପିଏଚ୍‌ସି, ସିଏଚ୍‌ସିମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଇଞ୍ଜେକ୍ସନ ଗଚ୍ଛିତ ରଖିବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସେହିପରି ସର୍ପାଘତ ମୃତ୍ୟୁନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ରୋତ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




**ଲୋଇସିଂହା,୨୫ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ଇତିହାସ ବିଭାଗ ପକ୍ଷରୁ "ମହାତ୍ମାଗାନ୍ଧୀ ଓ ଜାତୀୟତାବାଦୀ ଆନ୍ଦୋଳନ'ଶୀର୍ଷକ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।

ବିଭାଗୀୟ ମୁଖ୍ୟ ଡ.ରଶ୍ମିଲତା ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ମୀନତି ଦେବତା ସମ୍ମାନିତ ଅତିଥି ତଥା ବିଷୟ ବିଶେଷଜ୍ଞ ଭାବରେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ତୁଳସୀ ସାହୁ, ଝରଣା ମଲ୍ଲିକ, ପୂଜା ବିଭାର, ସୋନାଲି ପଧାନ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହାପରେ ଛାତ୍ର ସୁକେଶ ପଟେଲ, ସୁମିତ୍ ସାହୁ, ଛାତ୍ରୀ ସଂଗୀତା ସୁନା, ତୁଳସୀ ସାହୁ, ଜାହ୍ନବୀ ମେହେର, ତୃଷ୍ଣାମୟୀ ବେହେରା, ଦୀପା ପଟେଲ, ପ୍ରଜ୍ଞାଶ୍ରୀ ପଟେଲ, ବାସନ୍ତୀ ସାହୁ ଓ ଝରଣା ମଲ୍ଲିକ ପ୍ରମୁଖ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଲୋଚନାଚକ୍ରକୁ ଇତିହାସ ବିଭାଗର ଅଧ୍ୟାପକ ସୁନୟ କୁମାର ସାହୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଶତ୍ରୁଘ୍ନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷାକ୍ତ ଖାଦ୍ୟ ଖାଇ ୨୫ ଛାତ୍ରୀ ଅସୁସ୍ଥ

**ଟିଟିଲାଗଡ଼,୨୫ ।୩(ସମିସ):** ଖୋଲାନ କସ୍ତୁରବା ଗାନ୍ଧୀ ମହିଳାବିଦ୍ୟାଳୟର ପ୍ରାୟ ୨୫ ଜଣ ଛାତ୍ରୀ ଅସୁସ୍ଥ ହୋଇ ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଟିଟିଲାଗଡ଼ ଡାକ୍ତରଖାନା ପଠାଯାଇଛି। ମିଳିଥିବା ସୂଚନା ଅନୁସାରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ହଷ୍ଟେଲରେ ଥିବା ଛାତ୍ରୀମାନେ ସୋମବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ହଠାତ୍ ଝାଡ଼ାବାନ୍ତି ଓ ମୁଣ୍ଡ ବୁଲାଇବାରୁ ଖୋଲାନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଛାତ୍ରୀମାନେ ହଷ୍ଟେଲରେ କୌଣସି ବିଷାକ୍ତ ଖାଦ୍ୟ ଖାଇଥିବାରୁ ଏଭଳି ଅବସ୍ଥା ହୋଇଥିବା ଡାକ୍ତର୍ କହିଛନ୍ତି। ଘଟଣାସ୍ଥଳରେ ଉପଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**● ଦାଦନ ଶ୍ରମିକଙ୍କୁ ନିର୍ଯାତନା ଘଟଣା**

## ଗାଁରେ ପହଞ୍ଚିଲା ଶ୍ରମ ବିଭାଗ



**ବେଲପଡ଼ା,୨୫ ।୩(ସମିସ):** ବାହାର ରାଜ୍ୟରୁ ନିର୍ଯାତନାର ଶିକାର ହୋଇ ଘରକୁ ଫେରିଥିବା ଦାଦନ ଶ୍ରମିକଙ୍କ ପାଖରେ ପହଁଞ୍ଚିଛି ଶ୍ରମ ବିଭାଗ। ତେନ୍ତୁଲିମୁଣ୍ଡା ଗାଁରେ ବେଲପଡ଼ା ଦାୟିତ୍ୱରେ ଥିବା ଶ୍ରମ ନିରୀକ୍ଷକ ବିନୋଦ ବିହାରୀ ନାଏକ ଓ ଅନ୍ୟଜଣେ ପହଞ୍ଚି ତଦନ୍ତ କରିଥିଲେ। କିନ୍ତୁ ତଦନ୍ତ ବେଳେ ଶ୍ରମିକମାନଙ୍କ ଠାରୁ ଧଳା କାଗଜରେ ବିଭାଗୀୟ ଅଧିକାରୀ ମାନେ ଦସ୍ତଖତ ନେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଅଧିକାରୀ ମାନେ ଉପଯୁକ୍ତ ତଦନ୍ତ ନେଇ ପ୍ରତିଶ୍ରୁତି ପରେ ଘଟଣା ଶାନ୍ତ ହୋଇଥିଲା। ଘଟଣାକୁ ଅନ୍ୟରୂପ ଦେଇ ସମ୍ପୃକ୍ତ ଦାଦନ ଦଲାଲକୁ ଖସାଇ ଦେବାପାଇଁ ଅଧିକାରୀମାନେ ସାଧା କାଗଜରେ ଦସ୍ତଖତ ନେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଶ୍ରମିକମାନେ ସମ୍ପୃକ୍ତ ଦାଦନ ସର୍ଦ୍ଦାର ମୁନା ଓରଫ୍ ପ୍ରତାପ କୁମାର ଅଗସ୍ତିଙ୍କ ନାଁରେ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ତଥାପି ପୁଲିସ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ।

ସୂଚନା ଅନୁସାରେ ବେଲପଡ଼ା ଥାନା ତେନ୍ତୁଲିମୁଣ୍ଡା, ରାଡ଼ବାହାଲ, ସର୍ଗିଗୁଡ଼ା, ବାଘୁଆବାହାଲ ଗାଁର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକ ବେଲପଡ଼ା ଥାନା ମଣ୍ଡଳ ଗାଁର ଦାଦନ ସର୍ଦ୍ଦାର ମୁନା ଓରଫ ପ୍ରତାପ ଅଗସ୍ତିଙ୍କ ଜରିଆରେ ମୁଣ୍ଡପିଛା ୪୦ ହଜାର ଟଙ୍କା ବଇନା ଦେଇ ଆନ୍ଧ୍ରପ୍ରଦେଶର କାଳିଶ୍ରୀ ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। କିଛି ଦିନ ସେଠାରେ କାମ କଲାପରେ ଇଟାଭାଟି ମାଲିକ ନିର୍ଯାତନା ଦେବା ଆରମ୍ଭ କରିଥିବା ଶ୍ରମିକ ମାନେ ଅଭିଯୋଗ କରିଥିଲେ। ଅତ୍ୟଧିକ କାମ ସହ ଖାଇବାକୁ ନ ଦେଇ ଦିନରାତ୍ରି କାମ କରିବାକୁ ଶ୍ରମିକ ମାନଙ୍କୁ ବାଧ କରୁଥିବା ଶ୍ରମିକ ମାନେ କହିଛନ୍ତି। ଏନେଇ ଶ୍ରମିକ ମାନେ ଏକ ଭିଡିଓ କରି ଓଡ଼ିଶା ସରକାରଙ୍କୁ ଉଦ୍ଧାର କରିବାକୁ ହାର ଗୁହାରି କରିଥିଲେ। ସ୍ଥାନୀୟ ପ୍ରଶାସନ ଉଦ୍ୟମ କ୍ରମେ ଗତ ୨୩ ତାରିଖ ଦିନ ଗାଁକୁ ଆସିଥିଲେ ସମସ୍ତ ଶ୍ରମିକ। ତଥାପି ଦାଦନ ସର୍ଦ୍ଦାର ମୁନା ନିଜ ଦୁଇ ଦଲାଲ କେଶବ ଏବଂ ରତନକୁ ଲଗାଇ ଗାଁ ଫେରନ୍ତା ଶ୍ରମିକମାନଙ୍କୁ ବକେୟା ଟଙ୍କା ଫେରାଇବାକୁ ଧମକ ଚମକ ଦେଇଥିବା ଅଭିଯୋଗ ହେଉଛି। ଫଳରେ ଶ୍ରମିକମାନେ ବେଲପଡ଼ା ଥାନାର ଦ୍ୱାରସ୍ଥ ହୋଇ ସମ୍ପୃକ୍ତ ଦାଦନ ସର୍ଦ୍ଦାରଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ।

## ତିନୋଟି ଡିଜେ ଗାଡ଼ି ଧରିଲା ଆର୍‌ଟିଓ

**ବଲାଙ୍ଗିର,୨୫।୩(ସମିସ):** ବଲାଙ୍ଗିର ଜିଲ୍ଲା ପରିବହନ ବିଭାଗ ତରଫରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ତିନୋଟି ଡିଜେ ଗାଡିକୁ ଜବତ କରାଯାଇଛି। ତିନୋଟି ଗାଡ଼ିର ପରମିଟ, ଇନ୍‌ସୁରାନ୍ସ ଓ ଟ୍ୟାକ୍ସ ନ ଥିବା କାରଣରୁ ତାହା ଜବତ କରାଯାଇଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ଗୋଟିଏ ଗାଡ଼ି ମାଲିକ ୨୫ ହଜାର ଟଙ୍କା ଫାଇନ ଦେବାପରେ ତାକୁ ଛାଡିଦିଆଯାଇଥିବାବେଳେ ଅନ୍ୟଦୁଇଟି ଗାଡି ଆରଟିଓ କାର୍ଯ୍ୟାଳୟରେ ରହିଛି। ଆରଟିଓଙ୍କ ନିର୍ଦ୍ଦେଶାନୁସାରେ ବର୍ତ୍ତମାନ ସହରରେ ଗାଡି ମାନଙ୍କୁ କାଗଜପତ୍ର ଯାଞ୍ଚ କରାଯାଉଥିବାବେଳେ ସେମାନଙ୍କୁ ଏଭଳି ସମସ୍ୟା ଥିବା ଗାଡ଼ି ଗୁଡ଼ିକୁ ଧରି ଫାଇନ ଆଦାୟ କରାଯାଉଛି।

## ପ୍ରାଣୀମିତ୍ରଙ୍କ ତାଲିମ ଶିବିର

**ବଲାଙ୍ଗିର,୨୫।୩(ସମିସ):** ବଲାଙ୍ଗିରସ୍ଥିତ ପ୍ରାଣୀଧନ ନିରୀକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଠାରେ ପ୍ରାଣୀମିତ୍ରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ ଶିବିରଟି ପ୍ରାଣୀ ସମ୍ପଦ ବିକାଶ ସମିତି ଓ ରାଷ୍ଟ୍ରୀୟ ଦୁଗ୍ଧ ବିକାଶ ବୋର୍ଡର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଛି। ଶିବିରରେ ବିଭିନ୍ନ ବ୍ଲକରୁ ମନୋନୀତ ହୋଇଥିବା ପ୍ରାଣୀମିତ୍ର ଯୋଗ ଦେଇଥିଲେ। ଏହି ଶିବିରକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ଅଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ମୋହନ ମଣିଆ, ଜିଲ୍ଲା ଅତିରିକ୍ତ ପ୍ରାଣିଚିକିତ୍ସା ଅଧିକାରୀ ଡ଼ ଅନିରୁଦ୍ଧ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପ ନିର୍ଦ୍ଦେଶକ ଡ. ଅରବିନ୍ଦ ସେଠୀ ସ୍ୱାଗତ କରିଥିଲେ। ଏ କାର୍ଯ୍ୟକ୍ରମକୁ ସହ ନିର୍ଦ୍ଦେଶକ ଡ. ରାଜା ଉଦୟଭାନୁ ରାଉତ ପରିଚାଳନା କରିଥିଲେ। ଶିବିରର ସମସ୍ତ କାର୍ଯ୍ୟଭାର ଡ. ଉଦୟଭାନୁ ନିଜେ ତଦାରଖ କରିବେ ଓ ପ୍ରାଣୀମିତ୍ରମାନଙ୍କୁ କ୍ଷେତ୍ର ପ୍ରଦଶନ ନିମନ୍ତେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ନିଆଯିବାର ବ୍ୟବସ୍ଥା ମଧ୍ୟ ଥିବାର ଡ. ଅଞ୍ଜନ ଦାସ ସୂଚନା ଦେଇଥିଲେ। ଡ. ଚିନ୍ମୟ ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ କର୍ମଚାରୀ ଆକାଶଙ୍କୁ ରାଜ୍ୟ ସଂଘ ସମ୍ପାଦକ ଦାୟିତ୍ୱ

**ବଲାଙ୍ଗିର,୨୫ ।୩ (ସମିସ):** ନିଖିଳ ଓଡ଼ିଶା ବିଚାର ବିଭାଗୀୟ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଂଘର ସଭାପତି ରାଜେଶ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଘର ବରିଷ୍ଠ ସଭ୍ୟ କରୁଣାକର ମଲ୍ଲିକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା ବିଚାର ବିଭାଗୀୟ କର୍ମଚାରୀ ଆକାଶ ତ୍ରିପାଠୀଙ୍କୁ ସଂଘର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଭାବେ ସଂଘ ଦାୟିତ୍ୱ ଅର୍ପଣ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲାରୁ ରାଜ୍ୟସ୍ତରରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଶ୍ରୀ ତ୍ରିପାଠୀ ଏନେଇ ପ୍ରତିକ୍ରିୟା ରଖି ପୂର୍ବରୁ ଜିଲ୍ଲାସ୍ତରରେ ସାଙ୍ଗଠନିକ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଯାହାକି ଆଗାମୀ ଦିନରେ ରାଜ୍ୟସ୍ତରରେ ସହାୟକ ହେବ। ସଂଘକୁ ଆହୁରି ସୁଦୃଢ଼ କରିବା ଦିଗରେ କାମ କରିବେ ବୋଲି କହିଛନ୍ତି।



## ଜୁନିୟର ରେଡ୍‌କ୍ରସ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ ଶିବିର




**ବଲାଙ୍ଗିର,୨୫।୩(ସମିସ):** ସ୍ଥାନୀୟ ପିଆର୍‌ହାଇସ୍କୁଲର ସଭାଗୃହଠାରେ ଜିଲ୍ଲା ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ତିନି ଦୁନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ରେଡକ୍ରସ ଆନ୍ଦୋଳନର ନୀତି, ଆଦର୍ଶ ତଥା ମୂଳମନ୍ତ୍ର ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତାକୁ ଆପଣେଇବା ପାଇଁ ସମସ୍ତ ପରାମର୍ଶଦାତାଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ନିଜ ବକ୍ତବ୍ୟରେ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସେବା ମନୋଭାବ ସହ ପ୍ରତିଟି କାର୍ଯ୍ୟକୁ ଆନ୍ତରିକ ସହ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସନାତନ ଠାକୁର ଓ ପର୍ଯ୍ୟବେକ୍ଷକ ଭାବେ ପ୍ରଧାନଶିକ୍ଷକ ନୀଳମଣି ପଟେଲ ଯୋଗଦେଇ ଜୁନିୟର ରେଡକ୍ରସର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଜୁନିୟର ରେଡକ୍ରସ ଅଫିସର ବିକାଶ ରଂଜନ ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ସାଧନକର୍ମୀ ରବୀନ୍ଦ୍ର ଠେଟୁଆଲ ରେଡକ୍ରସର ଇତିହାସ ବିଷୟରେ ସମସ୍ତ ପରାମର୍ଶଦାତାଙ୍କୁ ଅବଗତ କରାଇଥିଲେ। ଶେଖ୍ ଅସରଫ ଓ ଜୟକୃଷ୍ଣ ନାୟକ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଜିଲ୍ଲା ଓଡ୍ରାଫ ଟିମ ତରଫରୁ ରମେଶଚନ୍ଦ୍ର ମିଶ୍ର ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଭାବେ ସାବଧାନତା ଅବଲମ୍ବନ କରିବା ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ୧୨୦ ଜଣ ଜୁନିୟର ରେଡକ୍ରସ ପରାମର୍ଶଦାତା ଯୋଗ ଦେଇଛନ୍ତି। ଶିବିରରେ ଚିତ୍ତରଞ୍ଜନ ପଣ୍ଡା, ରଶ୍ମିରାଣୀ ଦାଶ, ପ୍ରଭାକର ଛନ୍ଦ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅରବିନ୍ଦ କୁମ୍ଭାର, ଯଦୁମଣୀ ବଗର୍ତ୍ତି, ରାଜେନ୍ଦ୍ର ଦୋରା ସାଧନକର୍ମୀ ଭାବେ ଯୋଗଦେଇଛନ୍ତି। ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା



**ବଲାଙ୍ଗିର,୨୫।୩(ସମିସ):** ମହାରାଜ ଆରଏନ୍ ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ମଙ୍ଗଳବାର ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ୪-୦ ଗୋଲରେ ସୁନ୍ଦରଗଡ଼କୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଜବାହାରଲାଲ କଲେଜ ଅଧ୍ୟକ୍ଷ ନବ କୁମାର ମିଶ୍ର, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଟୁର୍ଣ୍ଣାମେଣ୍ଟ କମିଟି ବରିଷ୍ଠ ସଦସ୍ୟ ଅଶୋକ କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳକୁ ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ଦେବାଶିଷ ବାଗ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ।

କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳି ପ୍ରଭାତ କୁମାର ମିଶ୍ର ଓ ସୁଧାଂଶୁ ସେଠଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ଖେଳାଳି ଭାବେ ଭବାନୀପାଟଣା ଦଳର ପପୁ ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପାନୀୟଜଳ ଯୋଗାଣ ଦାବିରେ ଗ୍ରାମବାସୀଙ୍କ ଧାରଣା

**ଟିଟିଲାଗଡ଼,୨୫ ।୩(ସମିସ)**



ଟିଟିଲାଗଡ଼ ବ୍ଲକ୍ ଅଧୀନ ସିହିନୀ ପଞ୍ଚାୟତର କେନ୍ଦୁମୁଣ୍ଡି ଗ୍ରାମରେ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡୁଛି। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଚଳିତଗ୍ରୀଷ୍ମ ଋତୁ ପ୍ରାରମ୍ଭରୁ ତାତି ବୃଦ୍ଧି ସହ ପଥରଚଟାଣ ଉପରେ ଅବସ୍ଥିତ କୁମୁଡ଼ା ଗ୍ରାମରେ ପାନୀୟଜଳ ପାଇଁ ହାହାକାର ସ୍ଥିତି ଉତ୍ପନ୍ନ ହୋଇଛି। ଏହାକୁ ନେଇ ଟିଟିଲାଗଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଆଇନଜୀବୀ ବୀରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ମଙ୍ଗଳବାର ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଅଞ୍ଚଳବାସୀ ଦାବି କରିଛନ୍ତି ଯେ ସେମାନଙ୍କ ବାରମ୍ବାର ଦାବିସତ୍ତ୍ୱେ ବିଶୁଦ୍ଧ ପାନୀୟଜଳ ଯୋଗାଣ ହେଉନାହିଁ। ଗ୍ରାମରେ ଓଭରହେଡ ଟ୍ୟାଙ୍କ ନିର୍ମାଣ ସହ ଜଳଯୋଗାଣ ହେଉନାହିଁ। ବିଶୋଧନ ହୋଇ ନ ଥିବା ଟ୍ୟାଙ୍କର ପାଣି ମଧ୍ୟ ବର୍ତ୍ତମାନ ସୁଦ୍ଧା ମିଳିପାରୁନି। ଗ୍ରାମର ବିଭିନ୍ନ ମହିଳା ଗୋଷ୍ଠୀ ସଦସ୍ୟା ଯୁବତୀ ସୁନା, ଲଳିତା ସୁନା, ଭାରତୀ ସୁନା, ଲଛମା ସୁନା, ତେଜ ସୁନା, ପଦ୍ମା ବିଭାର, କୁନା ସାହୁ, ଜୟସିଂ ତାଣ୍ଡି, ସୁବାସ ଛତର, ଅରୁଣ ହରପାଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସମୀର ବିଲୁଙ୍ଗ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ସହ ଦାବିପତ୍ର ଗ୍ରହଣ କରିଥିଲେ। ସରକାରଙ୍କ ପକ୍ଷରୁ ଗ୍ରାମରେ ନିୟମିତ ବିଶୁଦ୍ଧ ଜଳଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କଂଗ୍ରେସ ନେତା ଶ୍ରୀ ବାଗ୍ ଚେତାବନୀ ଦେଇଛନ୍ତି।

## ଘୁନଘୁଟିପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗିର,୨୫ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଘୁନଘୁଟିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବକବି ଅର୍ଜୁନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଭାଗିରଥି ସୁନା, ସହକାରୀ ଶିକ୍ଷକ ତରଣୀ ଥାପ୍ପା, ଅଞ୍ଜଳି ଭୁଏ, ସ୍କୁଲ ସଭ୍ୟ ବଟୁ ପଟେଲ, ମଧୁ ସେଠ, ଗୋପାଳ ବାରଲେଲେଣ୍ଡିଆ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନଶିକ୍ଷକ ଡ଼ୋଲାମଣୀ ମେହେର ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ବାଳଗୋପାଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### ଖଣ୍ଡାଧାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଆକର୍ଷଣରେ କଳାହାଣ୍ଡିର କଟପ୍ପା



**ବଣାଇଁ,୨୫।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଅନ୍ୟତମ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ଖଣ୍ଡାଧାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଥିଲେ କଳାହାଣ୍ଡିର କଟପ୍ପା। ଖଣ୍ଡାଧାର ମହୋତ୍ସବ ଆଦିବାସୀ ସାଂସ୍କୃତିକ କଳା ପରିଷଦର ସଭାପତି ପ୍ରଦୀପ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଞ୍ଚଦଶତମ ଖଣ୍ଡାଧାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଯୋଗ ଦେଇଥିଲେ। ଏହି ଖଣ୍ଡାଧାର ମହୋତ୍ସବ ଘାତ ପ୍ରତିଘାତମଧ୍ୟରେ ଆୟୋଜିତ ହୋଇ ପନ୍ଦର ବର୍ଷରେ ପହଞ୍ଚି ପାରିଛି, ଯାହାକି ଖଣ୍ଡାଧାର ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଆଦିବାସୀ ଲୋକକଳାକୁ ଉଦ୍ଜୀବିତ କରି ରଖିବା ପାଇଁ ଆୟୋଜକଙ୍କ ପ୍ରୟାସ ଅଭିନନ୍ଦନୀୟ ବୋଲି ଅତିଥି ଦ୍ୱୟ ପ୍ରକାଶ କରିଥିଲେ। ଖଣ୍ଡାଧାର ମହୋତ୍ସବର ସମ୍ପାଦକ ଧୀରଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉଦ୍‌ଘୋଷିକା ଶୁଭଶ୍ରୀ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ କୁମାର ଗୌତମ ବାରିକ ସମସ୍ତ ଅତିଥି, ସମସ୍ତ ଖଣ୍ଡାଧାର ମହୋତ୍ସବର କର୍ମକର୍ତ୍ତା, ପୁଲିସ ପ୍ରଶାସନ, ଉପସ୍ଥିତ ଜନତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଶିଶୁ କଳାକାର ପଲ୍ଲବୀ ଦାଣ୍ଡିଆ ଓ ଚିରସ୍ମିତା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ କଳାହାଣ୍ଡିର କଟପ୍ପା, ମୟୂରଭଞ୍ଜ ଜିଲ୍ଲାର ରାବଣ ଛାୟା, ରାଉରକେଲା ଇସ୍ପାତ କଳାକେନ୍ଦ୍ରର ମହିଷାସୁର ବଧ, ସତ୍ୟବାଦୀ ସଂଗୀତ ମହାବିଦ୍ୟାଳୟ ସାକ୍ଷୀଗୋପାଳର କଳାକାରମାନଙ୍କ ଦ୍ୱାରା 'ଶ୍ରୀକୃଷ୍ଣ ଲୀଳା' ପ୍ରଭୃତି କଳାକାରମାନେ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ସଭା ଶେଷରେ ସାଂସ୍କୃତିକ ସମ୍ପାଦକ କୁମାର ଗୌତମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲା ସ୍ମାର୍ଟ ସିଟି ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

# ଉନ୍ନୟନ କାର୍ଯ୍ୟର ସମୀକ୍ଷା, ବିକାଶକୁ ଗୁରୁତ୍ୱ

ରାଉରକେଲା,୨୫।୩(ସମିସ)



ସୋମବାର ଦିନ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ୨୯ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର) ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିସନର ଅନୁ ଗର୍ଗ ଓ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ସହରକୁ ବିକାଶର ଶୀର୍ଷରେ ପହଞ୍ଚାଇବା ସହ ବିକଶିତ ଓଡ଼ିଶା ଗଠନରେ ରାଉରକେଲା ଯେପରି ଏକ ପ୍ରମୁଖ ଭୂମିକା ଗ୍ରହଣ କରି ପାରିବ ସେ ଉପରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ସହରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥି ସହ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସମୀକ୍ଷା କରାଯିବା ସହ ପ୍ରକଳ୍ପ କାର୍ଯ୍ୟରେ ସୃଷ୍ଟି ସମସ୍ୟାକୁ ଦୂର କରି ସେଗୁଡିକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିମଧ୍ୟରେ ରାଉରକେଲା ୱାନ୍ ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଓ ଆଦିବାସୀ ସଂଗ୍ରହାଳୟକୁ ଜୁନ୍ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କୋଏଲନଗର ଠାରେ ନିର୍ମାଣାଧୀନ ବିଗ୍ ରିକ୍ରିଏସନାଲ ପାର୍କ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିବା ସହ ପ୍ରସିଦ୍ଧ ବେଦବ୍ୟାସ ପୀଠର ଉନ୍ନତିକରଣ ଉପରେ ଆଲୋଚନା କରାଯାଇଥିଲା।

ସେହିପରି ବୈଠକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଷ୍ଟର୍ମ୍ ୱାଟର୍ ଡ୍ରେନେଜ୍ ସିଷ୍ଟମ, ନୂତନ ବସ୍‌ଷ୍ଟାଣ୍ଡ ଓ ଟିସ୍କୋ ପୋଖରୀର ପୁନରୁଦ୍ଧାର କାର୍ଯ୍ୟାରମ୍ଭକୁ ଅନୁମୋଦନ ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୟାନନ୍ଦ ନଗର, ପିକେ ଦାସ କଲୋନୀ, ବୁରୁଟୋଲା ଓ ଜଗନ୍ନାଥ କଲୋନୀରେ ବର୍ଷାଦିନେ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ଏହି ଷ୍ଟର୍ମ୍ ୱାଟର ଡ୍ରେନେଜ୍ ସିଷ୍ଟମ କାର୍ଯ୍ୟକାରୀ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିସହ ରାଉରକେଲା ସହରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଶ୍ରା ଛକ ଠାରେ ଥିବା ନୂତନ ବସ୍‌ଷ୍ଟାଣ୍ଡର ପୁନରୁଦ୍ଧାର କରାଯିବା ସହ ଯାତ୍ରୀମାନଙ୍କ ପାଇଁ ଆନୁଷଙ୍ଗିକ ପାଇଁ ଉପଲବ୍ଧ କରାଯିବ। ଏଥିସହ ଟିସ୍କୋ ପୋଖରୀର ପୁନରୁଦ୍ଧାର କାର୍ଯ୍ୟକୁ ମଧ୍ୟ ଏହି ବୈଠକରେ ଅନୁମୋଦନ ମିଳିଛି। ଟିସ୍କୋ ପୋଖରୀର ସୌନ୍ଦର୍ଯ୍ୟକରଣ କରାଯାଇ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରାଯିବ। ଏଠାରେ ଜଙ୍ଗଲ ଟ୍ରେଲ ନିର୍ମାଣ କରାଯିବା ସହ ଫୁଟ୍ ଓଭର ବ୍ରିଜ ଓ ଫୁଡ୍ କୋର୍ଟ ମଧ୍ୟ ନିର୍ମାଣ କରାଯିବ। ଏହା ବ୍ୟତୀତ କଳିଙ୍ଗ ବିହାରଠାରେ ପ୍ରତି ଶୁକ୍ରବାର ବସୁଥିବା ସାପ୍ତାହିକ ହାଟର ବ୍ୟବସାୟୀଙ୍କ ନିମନ୍ତେ ଟିସ୍କୋ ଠାରେ ପିଣ୍ଡି ମଧ୍ୟ ନିର୍ମାଣ କରାଯିବ। ବ୍ୟବସାୟୀମାନେ ରାସ୍ତା ଉପରେ ବ୍ୟବସାୟ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜୁଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରାୟ ୪୦୦ ବ୍ୟବସାୟୀଙ୍କ ଲାଗି ଏହି ଟିସ୍କୋ ପିଣ୍ଡି ନିର୍ମାଣ କରାଯିବାକୁ ଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରାଉରକେଲା ସ୍ମାର୍ଟ ସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ଏକଦିବସୀୟ ନୂଆ ଉତ୍ପାଦନ ରେକର୍ଡ



**ରାଉରକେଲା,୨୫।୩(ସମିସ):** ରାଉରକେଲା ଇସ୍ପାତ କାରଖାନାର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨) କଏଲ୍ ଓଜନ ଏବଂ ସ୍ଲାବ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ଗତ ୨୪ ତାରିଖରେ ହାସଲ କରିଛି। ଉକ୍ତ ୟୁନିଟ୍ ୯, ୪୨୭ ଟନ୍ କଏଲ୍ ରୋଲିଂ ପୂର୍ବକ ୨୦୨୩ ଅକ୍ଟୋବର ୩୦ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯,୩୭୨ ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ଏହା ସହିତ, ଏଚ୍‌ଏସ୍‌ଏମ୍-୨ ବିଭାଗ ୯,୬୩୮ ଟନ୍ ସ୍ଲାବ୍ ରୋଲିଂ କରି ଏକ ନୂତନ ରେକର୍ଡ ସ୍ଥାପନ କରିଛି ଏବଂ ୨୦୨୩ ଅକ୍ଟୋବର ୩୦ ତାରିଖରେ ରେକର୍ଡ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୯,୬୧୪ ଟନ୍‌କୁ ଅତିକ୍ରମ କରିଛି। ପିପିସି, ଇଏମଡି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆର୍‌ସିଏଲ୍, ରୋଲ୍ ସପ୍, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରୁମେଣ୍ଟେସନ ଆଣ୍ଡ ଅଟୋମେସନ୍ ଭଳି ବିଭାଗଗୁଡ଼ିକର ସହଯୋଗ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉତ୍କୃଷ୍ଟ ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମୁହିକ ଏବଂ ନେତୃତ୍ୱ ସହିତ ସମସ୍ତ ସମ୍ପୃକ୍ତ ବିଭାଗକୁ ଅଭିନନ୍ଦନ ଜଣାଇ, ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସେମାନଙ୍କୁ ଏହି ଉତ୍କର୍ଷ ଧାରା ବଜାୟ ରଖିବା ସହ ଏପରି ଅଧିକ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଛନ୍ତି।

### ତ୍ୱରାନ୍ୱିତ ହେବ ଡିଜିଟାଲ୍ ରୂପାନ୍ତରଣ

# ସେଲ୍-ମ୍ୟାକ୍‌କିନ୍ସି ଆଣ୍ଡ କମ୍ପାନୀ ଚୁକ୍ତି ସ୍ୱାକ୍ଷର

**ରାଉରକେଲା,୨୫।୩(ସମିସ):** ଭାରତର ମହାରତ୍ନ ରାଷ୍ଟ୍ରାୟତ ଇସ୍ପାତ ଉତ୍ପାଦକ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ), କମ୍ପାନୀରେ ଏକ ବ୍ୟାପକ ଡିଜିଟାଲ୍ ପରିବର୍ତ୍ତନ କାର୍ଯ୍ୟକ୍ରମର ନେତୃତ୍ୱ ନେବା ପାଇଁ ମ୍ୟାକକିନ୍ସି ଆଣ୍ଡ କମ୍ପାନୀ ଇଣ୍ଡିଆ ଏଲ୍‌ଏଲ୍‌ପି ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ସେଲ ଡିଜିଟାଲ୍ ରୂପାନ୍ତରଣ ପାଇଁ ପରାମର୍ଶଦାତାଙ୍କ ନିୟୋଜନ ନିମନ୍ତେ ଏହି ସହଭାଗିତା କାର୍ଯ୍ୟକ୍ଷମ ଦକ୍ଷତା, ଗ୍ରାହକ ଅଭିଜ୍ଞତା ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଚୁକ୍ତିନାମା ବ୍ୟବସାୟିକ ପ୍ରକ୍ରିୟାଗୁଡ଼ିକୁ ଆଧୁନିକୀକରଣ କରିବା, କାର୍ଯ୍ୟଦକ୍ଷତାକୁ ସର୍ବଶ୍ରେଷ୍ଠ କରି ଗଢ଼ିବା ଏବଂ ଏକ ବର୍ଦ୍ଧିତ ଡିଜିଟାଲ୍ ଦୃଶ୍ୟପଟରେ ସ୍ଥାୟୀ ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟ ରଖିଛି। ଯାହା ସେଲକୁ ଅତ୍ୟାଧୁନିକ ଡିଜିଟାଲ୍ କ୍ଷମତାଗୁଡ଼ିକୁ ଏକୀକୃତ କରିବାକୁ ସକ୍ଷମ କରିବ ଏବଂ ଏହା ନିଶ୍ଚିତ କରିବ ଯେ କମ୍ପାନୀ ପ୍ରତିଯୋଗିତାମୂଳକ ରହିବ ଏବଂ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ମୂଲ୍ୟ ପ୍ରଦାନ କରିବ। ସେଲ ଏବଂ ମ୍ୟାକକିନ୍ସି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ପାଇଁ ଏକାଠି କାମ କରିବେ। ଡିଜିଟାଲ୍ ରୂପାନ୍ତରଣ ପ୍ରକଳ୍ପ ଖଣି ଠାରୁ ଆରମ୍ଭ କରି ମାର୍କେଟିଂ ପର୍ଯ୍ୟନ୍ତ ପ୍ରକ୍ରିୟା ମୂଲ୍ୟ ଶୃଙ୍ଖଳର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେବ, ସୁରକ୍ଷା ଏବଂ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଅଭିନବ ସମାଧାନଗୁଡ଼ିକର ସୁଗମ ସମନ୍ୱୟକୁ ସୁନିଶ୍ଚିତ କରିବ ଏବଂ ୩ ବର୍ଷର ସମୟସୀମା ସହିତ ବାର୍ଷିକ ୧୦୦୦ କୋଟି ଟଙ୍କାର ମୂଲ୍ୟ ପ୍ରାପ୍ତିର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବ ବୋଲି କୁହାଯାଇଛି।




# ଶିକ୍ଷାବିତ୍ ରବୀନ୍ଦ୍ର ସାମନ୍ତରାୟଙ୍କ ବିୟୋଗରେ ଶୋକ

**ରାଉରକେଲା,୨୫।୩(ସମିସ) :** ଶିକ୍ଷାବିତ ତଥା ପାନପୋଷସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ସାମନ୍ତରାୟଙ୍କ ଗତ ୨୩ ତାରିଖରେ ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ତାଙ୍କର ପତ୍ନୀ, ଗୋଟିଏ ପୁତ୍ର ଓ କନ୍ୟା ଅଛନ୍ତି। ସ୍ୱର୍ଗତ ସାମନ୍ତରାୟ ୨୦୦୨ ମସିହାରୁ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ପାନପୋଷସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ତାଙ୍କ ବିୟୋଗରେ ଗତକାଲି ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭବାନୀଶଙ୍କର ଚାନ୍ଦେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିବା ସହ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲା। ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ।



# ଓରିଣ୍ଟ ଗ୍ରୁପ୍‌ର ପ୍ରତିଷ୍ଠାତା କାଶୀ ଝୁନ୍‌ଝୁନ୍‌ୱାଲାଙ୍କ ପରଲୋକ

**ରାଉରକେଲା,୨୫।୩(ସମିସ):** ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଓରିଣ୍ଟ ଗ୍ରୁପ୍‌ର ପ୍ରତିଷ୍ଠାତା କାଶୀ ପ୍ରସାଦ ଝୁନ୍‌ଝୁନ୍‌ୱାଲାଙ୍କ ଆଜି ୯୩ ବର୍ଷ ବୟସରେ ସ୍ଥାନୀୟ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଦେହାନ୍ତ ହୋଇଯାଇଛି। ଓଡ଼ିଶାର ଶିଳ୍ପ ଜଗତରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ଝୁନଝୁନ୍‌ୱାଲାଙ୍କର ବିଶେଷ କରି ରାଉରକେଲା ପାଇଁ ଅବଦାନ ଅତୁଳନୀୟ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ସେ ପ୍ରତିଷ୍ଠାତା ସଭାପତି ଓ ରାଜସ୍ଥାନ ସେବା ସଦନର ପ୍ରତିଷ୍ଠାତା ସଦସ୍ୟ ଥିବା ସହ ଅନ୍ୟାନ୍ୟ ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ପୃଷ୍ଠପୋଷକ ଥିଲେ। ତାଙ୍କ ପରି ଏକ ଦୂରଦର୍ଶୀ, ପରୋପକାରୀ, କର୍ତ୍ତବ୍ୟନିଷ୍ଠ, ଅମାୟିକ ବ୍ୟକ୍ତିତ୍ୱର ତିରୋଧାନ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ହେବା ସହ ରାଉରକେଲାର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଗଲା ବୋଲି ମତ ପ୍ରକାଶ ପାଇଛି। ବିଶିଷ୍ଟ ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ, ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି, ନିଟ୍ରା ସଭାପତି ବିମଳ କୁମାର ବିଶି, ଶିଳ୍ପଦ୍ୟୋଗୀ ଫକୀର ଚରଣ ମହାନ୍ତି, ଶିଳ୍ପପତି ଅଶୋକ ଅଗ୍ରୱାଲ, ଶିଳ୍ପପତି ଉଦୟ ପଟେଲ, ଥିଙ୍କର୍ସ ଫୋରମ୍ ଆବାହକ ନିଳିନୀକାନ୍ତ ଧର ତାଙ୍କର ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଆର୍‌ଏସ୍‌ପିରେ ସଟଲ୍ କପ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଆରମ୍ଭ



**ରାଉରକେଲା,୨୫।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କ୍ରୀଡ଼ା ୟୁନିଟ୍ ଦ୍ୱାରା ଆୟୋଜିତ ଆର୍‌ଏସ୍‌ପି ସଟଲ୍ କପ୍ - ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଗତକାଲିଠାରୁ ସେକ୍ଟର-୨୦ ସ୍ଥିତ ଇସ୍ପାତ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର୍ ପଲାଇଙ୍କ ସମେତ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ସିଙ୍ଗଲ୍ସ ଏବଂ ଡବଲ୍ସ ବର୍ଗରେ ଖେଳାଯାଉଛି। ଟୁର୍ଣ୍ଣାମେଣ୍ଟଟି ଆର୍‌ଏସ୍‌ପିର ସମସ୍ତ କର୍ମଚାରୀଙ୍କ ପାଇଁ ଦୁଇଟି ବର୍ଗରେ ଖେଳିବା ପାଇଁ ସୁବିଧା ଅଛି। ଏଥିରେ ଅଂଶଗ୍ରହଣକାରୀମାନେ ୪୫ ବର୍ଷରୁ ଅଧିକ କିମ୍ବା ୪୫ ବର୍ଷରୁ କମ୍ ବର୍ଗରେ ନିଜର ନାମ ପଞ୍ଜୀକରଣ କରିପାରିବେ। ମାର୍ଚ୍ଚ ୨୭ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୧୫୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ନାମ ପଞ୍ଜିକରଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ।

### 'ସମ୍ପର୍କ' ଆୟୋଜିତ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ନାରୀ ନିର୍ଯାତନା ଓ ସାଧାନାର କଥା କହିଲା 'ସାଧନା'

ରାଉରକେଲା,୨୫।୩(ସମିସ)



ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ "ସମ୍ପର୍କ' ଦ୍ୱାରା ଆୟୋଜିତ ଜାତୀୟ ନାଟକ ମହୋତ୍ସବ-୨୦୨୫ର ତୃତୀୟ ସନ୍ଧ୍ୟାରେ ସମ୍ବଲପୁରର ଶ୍ରୀ କଲ୍‌ଚରାଲ ଆସୋସିଏସନର କଳାକାରମାନଙ୍କ ଦ୍ୱାରା ନାଟକ "ସାଧନା' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଏଲଆଇସି ଅଫ୍ ଇଣ୍ଡିଆର ସିନିୟର ମ୍ୟାନେଜର ସରୋଜ କୁମାର ଉଦ୍‌ଗାତା ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବରେ ଜୀବନବୀମା ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଯୋଗ ଦାନ କରି ବକ୍ତବ୍ୟ ରଖିଥିଲେ। ପଳୟ କୁମାର ଶତପଥି ଧନ୍ୟବାଦ ଦେଇଥିଲେ। ସମ୍ବଲପୁରର ବରିଷ୍ଠ କଳାକାର ଦିଲ୍ଲୀପ କୁମାର ଦେବଙ୍କୁ "ସମ୍ପର୍କ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୀଲ୍ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ସଂଜୀବ ଚାନ୍ଦ, ମାନସ ସାହୁ, ପୁଷ୍ପା ବିଶୋଇ ଓ ସୁରଭି ରଣା ମଞ୍ଚ ପରିଚାଳନାରେ ସହାୟତା କରିଥିଲେ।

ଏହାପରେ ସମ୍ବଲପୁରର ଶ୍ରୀ କଲ୍‌ଚରାଲ ଆସୋସିଏସନର କଳାକାରମାନେ ନାଟକ "ସାଧନା' ମଞ୍ଚସ୍ଥ କରିଥିଲେ। ନାଟ୍ୟକାର ଆଶିଷ କୁମାର ସୋନାର ଏବଂ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରାଙ୍କ ସଫଳ ନିର୍ଦ୍ଦେଶିତ ଉକ୍ତ ନାଟକଟି ନାରୀ ନିର୍ଯ୍ୟାତନା ଉପରେ ପର୍ଯ୍ୟବସିତ ଥିଲା। ଆଜିକାଲି ନାରୀ ନିର୍ଯ୍ୟାତନା ଚରମ ସୀମାରେ ଉପନୀତ ହୋଇଛି। ନ୍ୟସ୍ତସ୍ୱାର୍ଥ ଯୁବକର ଏସିଡ୍ ମାଡ଼ରେ କହିବା ଶୁଣିବା ଶକ୍ତି ହରାଇଥିବା ଜଣେ ଝିଅ କିପରି ନିଜର ସାଧନା ବଳରେ ପୁଣି ତା'ର ପୂର୍ବ ଜୀବନକୁ ଫେରି ପାଇଛି, ନିଜର କଳା ଚାତୁରୀ ଦ୍ୱାରା ପୁନଃ ଲୋକଙ୍କ ମୁଖରେ ହସ ଭରି ଦେଇଛି, ଏପରି ଏକ ଚମତ୍କାର କାହାଣୀକୁ ଜୀବନ୍ତ ଭାବେ ନାଟକ ରୂପରେ ଉପସ୍ଥାପନ କରିଥିଲେ ସାଧନା ନାଟକର କଳାକାରମାନେ। ଆଖିଝଲସା ଆଲୋକ ସଂପାତ, ସୁଲଳିତ ସମ୍ବଲପୁରୀ ସଂଳାପ ସହିତ ଉଚ୍ଚକୋଟୀର ନିର୍ଦ୍ଦେଶନା ଓ ବଳିଷ୍ଠ ଆବେଗ ଭରା କାହାଣୀ ଦର୍ଶକଙ୍କୁ ଦେଢ଼ ଘଣ୍ଟା କାଳ ବାନ୍ଧି ରଖିଥିଲା।

ନାଟକ ପରେ ଦର୍ଶକ ପ୍ରତିଯୋଗିତାରେ ଅନେକ ଦର୍ଶକ ଭାଗ ନେଇ ନିର୍ଦ୍ଦେଶକଙ୍କୁ ଉପଯୁକ୍ତ ପ୍ରଶ୍ନ ପଚାରିଥିଲେ। ଆସନ୍ତା କାଲି ପ୍ରାଙ୍ଗଣ ପାଟନା, ବିହାରର କଳାକାରମାନେ ନାଟକ 'ଅତୀତ କେ ବାତାୟନ' ମଞ୍ଚସ୍ଥ କରିବେ ବୋଲି ସୂଚନା ମିଳିଛି।

# ୪ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ; ଚାଳକ ଗିରଫ

**କୋଇଡ଼ା,୨୫।୩(ସମିସ):** ୪ଟି ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ ସହ ୪ ଚାଳକଙ୍କୁ ଗତ ଗତକାଲି ସନ୍ଧ୍ୟାରେ କେ. ବଲାଙ୍ଗ ଥାନା ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଖଣି ମାଫିଆମାନେ କେ. ବଲାଙ୍ଗ ଥାନା ରେଞ୍ଜଡା ରେଲୱେ ସାଇଡିଂ ନିକଟସ୍ଥ ୨୦୧୯ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଥିବା ଲୁହାପଥରକୁ ଜେସିବି ସାହାଯ୍ୟରେ ୪ ଟି ଟ୍ରକ୍‌ରେ ଲୋଡିଂ କରୁଥିଲେ। ଏହି ସମୟରେ ଖବର ପାଇ ରେଳ ସାଇଡ଼ିଂରେ ନିୟୋଜିତ ଠିକାସଂସ୍ଥାର କର୍ମଚାରୀ କେ. ବଲାଙ୍ଗ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇବା ପରେ କେ. ବଲାଙ୍ଗ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏଥିସହ ୪ଟି ଟ୍ରକ୍‌ର ୪ ଜଣ ଚାଳକଙ୍କୁ ଗିରଫ କରିଥିଲା। ଜବତ ହୋଇଥିବା ସମସ୍ତ ଟ୍ରକ୍ ୪ଟି ତେଲେଙ୍ଗାନା ରାଜ୍ୟର ବୋଲି ଜଣାପଡ଼ିଛି। ଏହିପରି ଭାବେ ନିୟମିତ ଲୁହାପଥର ଚାଲାଣ କରାଯାଉଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏ ଦିଗରେ ସ୍ଥାନୀୟ ପୁଲିସ ଅଧିକ ତନାଘନା ଚଳାଇଛି।



## ରେଳ ସାଇଡିଂରେ ପର୍ଯ୍ୟାପ୍ତ ପରିବହନ ଦାବି

# ସିଟୁର ବିକ୍ଷୋଭ; ରେଳରୋକ



**କୋଇଡ଼ା, ୨୫।୩(ସମିସ)**

ରେଳ ସାଇଡିଂରେ ପର୍ଯ୍ୟାପ୍ତ ପରିବହନ ଦାବି କରି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଆଜି ଶତାଧିକ ସିଆଇଟିୟୁର କର୍ମୀ, ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିମଳାଗଡ଼ଠାରେ ରେଳରୋକ କରିଥିବା ଜଣାପଡ଼ିଛି। ଏହି ଅବସରରେ ସିଆଇଟିୟୁ ରାଷ୍ଟ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତି, ରାଜ୍ୟ ସିଆଇଟିୟୁ ସମ୍ପାଦକ ପ୍ରଭାତ ପଣ୍ଡା, ବିମାନ ମାଇତି, ଜିଲ୍ଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ସରପଞ୍ଚ ନେଲସନ୍ ମୁଣ୍ଡା, ଆନନ୍ଦମାସୀ ହର, କୃଷ୍ଣଚନ୍ଦ୍ର ବାରିକ, ହୃଦାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ଲାଦୁ ମହାନ୍ତ ପ୍ରମୁଖଙ୍କ ସହ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ବିମଳାଗଡ଼ ରେଳ ଷ୍ଟେସନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ସମସ୍ତ ରେଳ ସାଇଡିଂକୁ ରେଳ ଚଳାଚଳ ଠପ୍ କରିଥିଲେ। ସୂଚନାଯୋଗ୍ୟ ଯେ ବିଗତ କିଛି ମାସ ହେବ ସମସ୍ତ ରେକ୍ ପଡ଼ୋଶୀ ଜିଲ୍ଲା କେନ୍ଦୁଝରକୁ ପଠାଯାଉଛି ଏବଂ ସ୍ଥାନୀୟ ରେଳ ସାଇଡିଂମାନଙ୍କରେ ରେଳ ରେକ୍ ସଂଖ୍ୟା ହ୍ରାସ ହେବା ଦ୍ୱାରା ବିମଳାଗଡ଼ ରେଳ ସାଇଡିଂରେ ୩୫୦୦, ପାଟାସାହିରେ ୨୦୦୦, ରକ୍ସିରେ ୧୩୮୦, ରେଞ୍ଜଡ଼ାରେ ୧୧୦୦, ଚାନ୍ଦିପୋଷରେ ୧୧୦୦ ଏବଂ ବାରସୁଆଁରେ ୧୦୦୦ ରେଲୱେ ଲୋଡିଂ ସାଇଡିଂ ଶ୍ରମିକମାନଙ୍କ କାର୍ଯ୍ୟ ବନ୍ଦ ହେବାରେ ଲାଗିଛି। ଏଥିସହ ସେମାନଙ୍କ ଆୟକୁ ମଧ୍ୟ ସଂକୁଚିତ କରି ଦିଆଯାଇଛି। ଶ୍ରମିକ ଅଧିକ ଆୟ କରିବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଆଇଆର୍ ରେକ୍ ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ପରେ ବଣାଇଁ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ବିଧାୟକଙ୍କ ସମେତ ନେତୃମଣ୍ଡଳୀ ଓ ବନ୍ଧମୁଣ୍ଡା ରେଳ ଡିଭିଜନ ଏଆର୍ଏମ୍ ସମୀର ସୌରଭ ସାମିଲ୍ ହୋଇଥିଲେ। ତେବେ ଯଥାସମ୍ଭବ ରେକ୍ ପ୍ରଦାନ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ପରେ ସେମାନେ ଧାରଣାରୁ ଓହରିଥିଲେ।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି



**ସୁନ୍ଦରଗଡ଼, ୨୫।୩(ସମିସ):** ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଭାତଫେରି କରାଯିବ। ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିପରି ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଆଲୋକରେ ସାଜସଜ୍ଜା କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ସାଧାରଣ ସଭା କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆର୍ ଏଣ୍ଡ ବି ର ଅଧୀକ୍ଷଣ ଯନ୍ତ୍ରୀ ଅମିତ୍ କୁମାର ଟୁଡ୍ଡୁ, ସଦର ତହସିଲଦାର କୁଳମଣି ରଣବିଡ଼ା, ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ସୁନ୍ଦରଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ।

## ବିଦ୍ୟାଳୟରେ କିଶୋରୀ ଶିକ୍ଷା କାର୍ଯ୍ୟକ୍ରମ

**ସୁବଳୟା, ୨୫।୩(ସମିସ):** ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କିଶୋରୀ ଝିଅମାନଙ୍କ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଚ୍ଚିତା ନନ୍ଦ ବେରିହାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଖେଳ ଶିକ୍ଷକ ଶ୍ରୀକାନ୍ତ ନାଏକଙ୍କ ଦ୍ୱାରା କିଶୋରୀ ଝିଅମାନେ ପ୍ରଥମେ ଯୋଗ ଓ ଧ୍ୟାନର ବିଶେଷ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ପରେ ଝିଅମାନଙ୍କ ଦ୍ୱାରା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆରୋଗ୍ୟ ମନ୍ଦିରର ଆୟୁଷ ଡା. ନିରୁପମା ମହାପାତ୍ର ଯୋଗଦେଇଥିଲେ।

## ସର୍ଗିପାଲି ହାଇସ୍କୁଲରେ ସହିଦ ଦିବସ

**ସୁନ୍ଦରଗଡ଼, ୨୫।୩(ସମିସ):** ଏନ୍ଏସ୍ଏସ୍ ସୁନ୍ଦରଗଡ଼ ଶାଖା ଆନୁକୂଲ୍ୟରେ ଲେଫ୍ରିପଡ଼ା ବ୍ଲକର ସର୍ଗିପାଲିସ୍ଥିତ ଏସ୍ଆର୍‌ଡିଏମ୍ଏନ୍ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସହିଦ ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ




ଉକ୍ତ ସମାରୋହରେ ଜିଲ୍ଲା ସଂଯୋଜକ ତଥା ଭେଷଜ ପଟେଲ ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର ପଟେଲ ମୁଖ୍ୟ ଅତିଥି ଓ ଡକ୍ଟର ଉମାକାନ୍ତ ମହାରଣା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧ୍ୟାପକ ରଞ୍ଜନ କୁମାର ସାମନ୍ତରାୟ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ରୀଡ଼ାଶିକ୍ଷକ ସନାତନ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ ସଂଘ କର୍ମକର୍ତ୍ତା

ସୁନ୍ଦରଗଡ଼, ୨୫।୩(ସମିସ): ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର ବୈଠକ ନିଷ୍ପତ୍ତି ଅନୁଯାୟୀ ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସଂଘ ପାଇଁ ସୁନ୍ଦରଗଡ଼ ସହରରେ ଉତ୍ତମ ଜାଗା ଯୋଗାଇ ଦେବା, ସଂଘର ସମସ୍ତ ସଭ୍ୟ ସଭ୍ୟାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଡିଆ ଗ୍ରୁପରେ ସାମିଲ କରିବା ଓ ଟୋଲ ପ୍ଲାଜାରେ ସ୍ଥାନୀୟ ସମ୍ବାଦିକଙ୍କ ପାଇଁ ମାଗଣା ପାସ୍ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସେହିପରି ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଜିଲ୍ଲା ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଛନ୍ତି। ଆସୋସିଏସନ୍‌ର ସଭାପତି ଦେବବ୍ରତ ଜେନା ଓ ସମ୍ପାଦକ ପପୁ ପ୍ରସାଦ ସିଂଙ୍କ ନେତୃତ୍ୱରେ ସେମାନେ ଜିଲ୍ଲାପାଳଙ୍କ ସହିତ ଏହି ସାକ୍ଷାତ ଆଲୋଚନା କରିଥିଲେ।



## ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଂଗଠନର ତାଲିମ ଶିବିର



**ସୁନ୍ଦରଗଡ଼, ୨୫।୩(ସମିସ):** ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଏକାଭିମୁଖତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ପ୍ରାରମ୍ଭିକ ଅଭିଭାଷଣ ରଖିବା ସହିତ କୃଷକ ଉତ୍ପାଦକ ସଙ୍ଗଠନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ, ପ୍ରକଳ୍ପର କାର୍ଯ୍ୟଶୈଳୀ ଓ କାର୍ଯ୍ୟକଳାପ ଆଦି ବିଷୟରେ ଦିଗଦର୍ଶନ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ କୃଷି ଉତ୍ପାଦର ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପଦାର୍ଥ ଏବଂ ବ୍ରାଣ୍ଡିଂ ବିଷୟରେ ଆଲୋକପାତ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାସ ଏବଂ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ଉତ୍ତମ କୁମାର ନାଏକ ସରକାରୀ ଯୋଜନାର ସମନ୍ୱୟ ଓ ଉତ୍କୃଷ୍ଟ ବିପଣନ ବ୍ୟବସ୍ଥା ଉପରେ ବୁଝାଇଥିଲେ। ନାବାର୍ଡର ଜିଲ୍ଲା ଗ୍ରାମୀଣ ବିକାଶ ପ୍ରବନ୍ଧକ ତାପସ ବେହେରା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ସ୍ଥାନୀୟ ସମସ୍ୟାର ଆଶୁ ସମାଧାନ ସହିତ ବିଭିନ୍ନ ସଫଳ ସଙ୍ଗଠନର ଉଦାହରଣ ଦେଇଥିଲେ। କେନ୍ଦ୍ରର ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡଃ. ମନୋଜ କୁମାର ଜେନା, ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, ଅରୁଣ କୁମାର ମିଶ୍ର, କର୍ମଚାରୀ କମଳ ଲୋଚନ ମହାନ୍ତ, ଭ୍ରମରବର ସା, ଜିତେନ୍ଦ୍ର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫ଟି କୃଷକ ଉତ୍ପାଦକ ସଙ୍ଗଠନର ୩୦ରୁ ଉର୍ଦ୍ଧ୍ୱ ମୁଖ୍ୟ ନିର୍ବାହୀ ଅଧିକାରୀ, ନିର୍ଦ୍ଦେଶକ ବୋର୍ଡର ସଦସ୍ୟ, କୃଷି, ଜଳ ବିଭାଜିକା, କୃଷି ଗବେଷଣା କେନ୍ଦ୍ର, ନାବାର୍ଡର ଅଧିକାରୀମାନେ ଭାଗ ନେଇଥିଲେ।

## ଡୁଙ୍ଗାଯୋର୍ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ପ୍ରଶିକ୍ଷଣ କର୍ମଶାଳା

**ସୁନ୍ଦରଗଡ଼, ୨୫।୩(ସମିସ):** ସବ୍‌ଡେଗା ବ୍ଲକ କରମଡିହି କଷ୍ଟର ଡୁଙ୍ଗାଯୋର୍ ବିଦ୍ୟାଳୟରେ ତିନିଦିନିଆ ଶିକ୍ଷଣ ସାମଗ୍ରୀ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପିକା ବନ୍ଦିତା ଦାସ ମୁଖ୍ୟ ଅତିଥିଭାବେ ଏହାର ଶୁଭାରମ୍ଭ କରି ଶିକ୍ଷା କ୍ଷେତ୍ରରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ନିପଟ ମଫସଲ ଅଞ୍ଚଳ ହୋଇ ମଧ୍ୟ ଏହି ବିଦ୍ୟାଳୟର ପିଲାମାନଙ୍କ ସଫଳତା ଶିକ୍ଷକଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସମ୍ଭବପର ହୋଇଛି ବୋଲି କହିଥିଲେ। ସେହିପରି ସମସ୍ତଙ୍କର ସହଯୋଗ ଓ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସୁଧାଂଶୁ କୁମାର ଚୌଧୁରୀ,



କେନ୍ଦ୍ର ସାଧନ କର୍ମୀ ସୁସ୍ମିତା ପଟେଲ ଯୋଗଦେଇ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନେହଲତା ନାଏକ, ଡାଏନା ଚୌଧୁରୀ, ଗୀତା ରାଣୀ ମହାପାତ୍ର, ପ୍ରଭାତୀ ପୃଷେଠ୍, ପ୍ରତିମା ପ୍ରଭା ଟପ୍ପୋ, ଜାନକୀ କର, ସବିତା ପଣ୍ଡା, ସୁଷମା ନାଏକ, ଶିରୋମଣି କିଣ୍ଡୋ, ବଜ୍ରମୋହନ ରଣା, ଧନେଶ୍ୱର କେରକେଟା ପ୍ରମୁଖ ଭୂମିକା ନିଭାଇ ଥିଲେ।

## ସୁରକ୍ଷା କର୍ମୀ ବେଶରେ ଆସି ଲୁଟିନେଲେ ନୂଆ ବାଇକ୍

**ସୁନ୍ଦରଗଡ଼, ୨୫।୩(ସମିସ):** ସୁରକ୍ଷା କର୍ମୀ ବେଶରେ ସୁରକ୍ଷା ଅ।।ଳରେ ଏକ ନୂଆ ବାଇକ ଲୁଟି ନେଇଛନ୍ତି ୨ ଜଣ ଦୁର୍ବୃତ୍ତ। ଏହି ଘଟଣା ଘଟିଛି ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ନିକଟରେ। ଟାଙ୍ଗରପାଲି ବ୍ଲକ ଅଲେଇକେରା ଗ୍ରାମର ପଙ୍କଜ କାଲୋ ସୁନ୍ଦରଗଡ଼ ୟାମାହା ସୋ ରୁମରୁ ଏକ ନୂଆ ବାଇକ୍ କିଣିବା ପରେ ତାଙ୍କ ସମ୍ପର୍କୀୟ ଘରକୁ ଯାଇଥିଲେ। କରମଡିହି ନିକଟରେ ସେ ଅସୁସ୍ଥ ଅନୁଭବ କରିବାରୁ ବସି ପଡ଼ିଥିଲେ। ଏହି ସମୟରେ ୨ ଜଣ ବ୍ୟକ୍ତି ସଡ଼କ ସୁରକ୍ଷା କର୍ମୀ ବେଶରେ ଆସି ତାଙ୍କ ସୁରକ୍ଷା ପାଇଁ ନେଇ ଯିବାକୁ କହିଥିଲେ। ଜଣେ ତାଙ୍କୁ ନୂଆ ବାଇକ୍‌ରେ ବସି ବଡ଼ଗାଁ ଯିବା ରାସ୍ତାରେ ନେଇ ଇତମା ଠାରେ ଓହ୍ଲାଇ ଚମ୍ପଟ ମାରିଥିଲା। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସୁନ୍ଦରଗଡ଼ କଲେଜରେ ବିଶ୍ୱ ଯକ୍ଷ୍ମା ଦିବସ




**ସୁନ୍ଦରଗଡ଼, ୨୫।୩(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି ଯକ୍ଷ୍ମା ରୋଗର କରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସପିଟାଲର ଡାକ୍ତର ପରବ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯକ୍ଷ୍ମାର ନିରାକରଣ ସମ୍ପର୍କରେ ବିସ୍ତୃତ ବୁଝାଇଥିଲେ। ଛାତ୍ରୀ ମଧୁଲିକା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଶିବ ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅନିତା କୁମାରୀ ପରଜା ସହଯୋଗ କରିଥିବା ବେଳେ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଅଜିତ କୁମାର ସାହୁ, ଇଂରାଜୀ ବିଭାଗର ମୁଖ୍ୟ ଆଞ୍ଜେଲିନା କିଣ୍ଡୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସିଦ୍ଧାର୍ଥ ସୋରେନ ପ୍ରଥମ, ରାଜେଶ ମାଝୀ ଦ୍ୱିତୀୟ ଓ ରିତିକା ଛତ୍ରିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ପୁଲିସ ଅଧିକାରୀସ୍ତରରେ ଅଦଳବଦଳ

**ଶଗଡ଼ା, ୨୫।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ, ମନମୁଣ୍ଡା ଓ ବାଉଁଶୁଣି ଥାନାର ପୁଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି।ଏସ୍‌ପିଙ୍କ କାର୍ଯ୍ୟାଳୟର ପତ୍ର ଅନୁସାରେ ବାଉଁଶୁଣି ଥାନା ଅଧିକାରୀ ଇନ୍ସପେକ୍ଟର ଅଞ୍ଜଳି ବିଶ୍ୱାଳଙ୍କୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଥିବା ବେଳେ ମନମୁଣ୍ଡା ଥାନା ଅଧିକାରୀ ଇନ୍ସପେକ୍ଟର ତରୁଣ ତପନ ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି।ସେହିପରି କଣ୍ଟାମାଳ ଥାନାରେ କାର୍ଯ୍ୟରତ ଏସ୍ଆଇ ଜ୍ଞାନେନ୍ଦ୍ର ମିଶ୍ରଙ୍କୁ ବାଉଁଶୁଣି ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଭାବରେ ନିଯୁକ୍ତି କରାଯାଇଛି।

## ୨୦ ଘର କୈବର୍ତ୍ତ ସମାଜର ବାର୍ଷିକ ପୂଜୋତ୍ସବ

**ସୁନ୍ଦରଗଡ଼, ୨୫।୩(ସମିସ):** ବାଉସେନ ଠାରେ ୨୦ ଘର କୈବର୍ତ୍ତ ସମାଜ ବଡ଼ଗାଁ ବ୍ଲକର ୨୬ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପାଦକ ସୁରେଶ ସେଠଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସାମାରୋହରେ ପ୍ରଥମେ ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କୁ ପୂଜକ ରାଜିନ ଡନସନା ଓ ଚିନ୍ତାମଣି ଡନସନା ରୀତି ନୀତି ଅନୁଯାୟୀ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ସମସ୍ତ ଜାତି ଭାଇ ମା' ସମଲେଶ୍ୱରୀଙ୍କ ଠାରେ ପ୍ରଣୀପାତ ହୋଇ ଆଶିଷ ଲାଭ କରିଥିଲେ। ଏହି ଅବସରରେ ଏକ ସାମାଜିକ ବୈଠକ ଜିଲ୍ଲା ଉପ ସଭାପତି ଭେଷଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଡ଼ଗାଁ ବ୍ଲକ ସମ୍ପାଦକ ବାର୍ଷିକ ବିବରଣୀ ପଠନ କରି ସମାଜର ଉନ୍ନତି ପାଇଁ ସହଯୋଗ ସକାଶେ ନିବେଦନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ



ଏକ ନିଶାମୁକ୍ତ ଶୃଙ୍ଖଳିତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଆସନ୍ତା ମଇ ୧୮ ତାରିଖ ରବିବାର ଦିନ ସମାଜର ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ତଥା କୈବର୍ତର୍ ସମାଜ ଭେଟ ଘାଟ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବ ଏବଂ ଅପ୍ରେଲ ମାସରୁ ମା' ସମଲେଶ୍ୱରୀଙ୍କ ଏକ କୈବର୍ତ୍ତ ରଥ ଜିଲ୍ଲା ସାରା ବୁଲିବ ବୋଲି ଘୋଷଣା କରିଥିଲେ। ସୁନ୍ଦରଗଡ଼ ଠାରେ ନିର୍ମାଣାଧୀନ କୈବର୍ତ୍ତ ଭବନ ଏବଂ ଜିଲ୍ଲା ସମ୍ମିଳନୀ ପାଇଁ ସମସ୍ତେ ସାହାଯ୍ୟ ସହଯୋଗ କରିବାକୁ ନିବେଦନ ଜଣାଇ ଥିଲେ। ସବ୍‌ଡେଗା ବ୍ଲକ ସଭାପତି ଗୋକୁଳ ଚନ୍ଦ୍ର ମହାଲିଙ୍ଗ, କୁତ୍ରା ବ୍ଲକ ସଭାପତି ଖଟୁ କାଲୋଙ୍କ ସମେତ କଳ୍କ ସେଠ, ଚକ୍ର ଡନସନା, ନିରଞ୍ଜନ ସେଟ୍, ଗୋବିନ୍ଦ ସେଟ୍ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସୁକାନ୍ତ ବଢେଇ ଧନ୍ୟବାଦ ଦେଇଥିଲେ। ବଡ଼ଗାଁ, କୁତ୍ରା, ସବଡେଗା ବ୍ଲକର ସାମାଜିକ ଭାଇ ଭଉଣୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଅଭିଯୋଗ ପରେ କାମ ତ୍ୱରାନ୍ୱିତ

# ଖୁବ୍‌ଶୀଘ୍ର ଖୋଲିବ ଆର୍‌ଡି ଅଫିସ୍

**କୁତ୍ରା, ୨୫।୩(ସମିସ)**

ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଅଭିଯୋଗ ପରେ ସୁନ୍ଦରଗଡ଼ ଜିଲ୍ଲା କୁତ୍ରାଠାରେ ନୂତନ ଭାବେ ନିର୍ମାଣ ହୋଇଥିବା କୁତ୍ରା ଆର୍‌ଡି ବିଭାଗର କାର୍ଯ୍ୟାଳୟକୁ ଖୋଲିବା ପାଇଁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। କୁତ୍ରା, ସବ୍‌ଡେଗା, ବାଲିଶଙ୍କରା, ବଡ଼ଗାଁ ଓ ରାଜଗାଙ୍ଗପୁରକୁ ନେଇ କୁତ୍ରାକୁ ଆର୍‌ଡି ବିଭାଗର ଏକ ସବ୍‌ଡିଭିଜନ କରାଯାଇଛି। ଯାହାର ମୁଖ୍ୟ କାର୍ଯ୍ୟାଳୟ କୁତ୍ରାରେ ହେବା କଥା। ହେଲେ ଦୀର୍ଘ ବର୍ଷରୁ ଉକ୍ତ କାର୍ଯ୍ୟାଳୟଟି କୁତ୍ରା ନାମରେ ରାଜଗାଙ୍ଗପୁରଠାରେ ଭଡ଼ା ଘରେ ଚାଲୁଥିଲା। କୁତ୍ରାଠାରେ ଆର୍‌ଡି ବିଭାଗର କାର୍ଯ୍ୟାଳୟ ଖୋଲିବା ପାଇଁ ଅଭିଯୋଗ ହେବା ପରେ ପାଖାପାଖି ପାଞ୍ଚ ବର୍ଷ ପୂର୍ବେ କୁତ୍ରା ଅଗ୍ନିଶମ କାର୍ଯ୍ୟାଳୟ ପାଖରେ ଆର୍‌ଡି ବିଭାଗର ଏକ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ହେଲେ ବିଭାଗୀୟ ଅଧିକାରୀମାନେ ନୂତନ କାର୍ଯ୍ୟାଳୟର ପାଚେରିଟିକୁ କିଛି ସାଧାରଣ ଲୋକଙ୍କ ଜମିରେ ନିର୍ମାଣ କରି ଦେଇଥିବାରୁ ବିବାଦ ସୃଷ୍ଟି ହୋଇ କାର୍ଯ୍ୟାଳୟଟି ବନ୍ଦ ହୋଇ ରହିଥିଲା। ହେଲେ ଜିଲ୍ଲାପାଳଙ୍କ ବିଗତ ଦୁଇଟି ଯୁଗ୍ମ ଜନଶୁଣାଣିରେ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଡି କାର୍ଯ୍ୟାଳୟଟିକୁ ଚାଲୁ କରିବା ଦିଗରେ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟକୁ ଏବେ ରଙ୍ଗ କରାଯାଇଛି। ହେଲେ କାର୍ଯ୍ୟାଳୟଟି ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।



# ୟଙ୍ଗ୍‌ବ୍ଲଡ୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ନର୍ଲା, ୨୫ ।୩:(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ୟଙ୍ଗବ୍ଲଡ଼ ପବ୍ଲିକ ସ୍କୁଲ ରୁପ୍ରାରୋଡର ଦ୍ୱିତୀୟ ବାର୍ଷିକ ଉତ୍ସବ ଲାଖଗୁଡାସ୍ଥିତ ନୂତନ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି ।ସ୍କୁଲର ପ୍ରିନ୍ସିପାଲ ଦୀପ୍ତିରାଣୀ ସିଂଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ନର୍ଲା ବିଇଓ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ମାରୱାଡି ସମ୍ମେଳନର ରାଜ୍ୟ ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ସୁବାଶ ଚନ୍ଦ୍ର ଅଗ୍ରୱାଲ, ୟଙ୍ଗବ୍ଲଡ଼ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ରାମ କୁମାର ଜୈନ, ସ୍କୁଲର ଭାଇସ ଚେୟାରମ୍ୟାନ ରତନ କୁମାର ଅଗ୍ରୱାଲ, ସମ୍ପାଦକ ସୁମିତ କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ ।ଶିକ୍ଷୟିତ୍ରୀ ଅନିମା ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସ୍କୁଲର ଭାଇସ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାହୁଡି ବିଦ୍ୟାଳୟର ବିବରଣୀ ପଠନ କରିଥିଲେ । ୟଙ୍ଗବ୍ଲଡ଼ ପବ୍ଲିକ ସ୍କୁଲ ରୁପ୍ରାରୋଡର ବାର୍ଷିକ ଉତ୍ସବ ପାଳନ ଅବସରରେ ଲାଖଗୁଡା ଠାରେ ଏହାର ନୂତନ କ୍ୟାମ୍ପସ ଲୋକାର୍ପିତ ହୋଇଛି । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା । ଶିକ୍ଷୟତ୍ରୀ ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ଶିକ୍ଷକ ପଦ୍ମନାଭ ଝାଙ୍କର, ବିଜୟ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟର ମଞ୍ଚ ସଞ୍ଚାଳନ କରିଥିଲେ ।ସ୍କୁଲର ଶିକ୍ଷକ ଚୈତନ୍ୟ ସାହୁ, ଦେବେନ୍ଦ୍ର ସେନାପତି, ଶିକ୍ଷୟିତ୍ରୀ ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, କୁନ୍ତୀ ଭୋଇଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ସହ ଶିକ୍ଷକ ତୁଷାର ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା, ଆମ ବସ୍‌ଷ୍ଟାଣ୍ଡ ନୋଡାଲ କମିଟି ବୈଠକ

**ନୂଆପଡ଼ା, ୨୫।୩(ସମିସ):**

ନୂଆପଡ଼ା ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଓ ଆମ ବସ୍ ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି ଆର୍ ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସିଡିଏମ୍‌ଓ ଡା. ଧରଣୀଧର ସେନାପତି ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାରେ ଦୁର୍ଘଟଣାରେ ବହୁ ଅମୂଲ୍ୟ ଜୀବନ ଚାଲି ଯାଉଛି । ଏଥିପାଇଁ ଆମକୁ ସଚେତନତା ସହ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେବ । ସମସ୍ତଙ୍କ ଜୀବନ ରକ୍ଷା କରିବା ପ୍ରଶାସନର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି କହିଥିଲେ । ବୈଠକରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଏବଂ ଏସ୍‌ପି ଆଗକୁ କିପରି ଜିଲ୍ଲାକୁ ଦୁର୍ଘଟଣାଶୂନ୍ୟ କରାଯିବବା ଉପରେ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ହେଲମେଟ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ପ୍ରତି ବୁଧବାର ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ କଡ଼ାକଡ଼ି କରାଯିବ । ନାବାଳକ ଏବଂ ମଦ୍ୟପ ଗାଡିଚାଳକଙ୍କ ଉପରେ ବିଶେଷ ନଜର ରଖାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏକତା ଛକରେ ଟ୍ରାଫିକ ସିଗ୍ନାଲ ଲାଇଟ୍ ଲଗାଯିବ । ରାସ୍ତାକଡ଼ରେ ଅବୈଧ ପାର୍କିଂ ଗାଡ଼ି ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଉଠାଇବା ପାଇଁ ଏନ୍‌ଏସି ନୂଆପଡ଼ା ଗୋଟିଏ କ୍ରେନ୍ କିଣିବେ । ବର୍ଷାଦିନ ଆଗରୁ ସବୁ ପଟ୍‌ହୋଲ୍ ମରାମତି ହେବ । ବିଜୁ ଏକ୍ସପ୍ରେସ ୱେରେ ଯେଉଁ ଜାଗାରେ ବେଶି ଦୁର୍ଘଟଣା ହେଇଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବ । ଦିନର ବ୍ୟସ୍ତ ସମୟରେ ସହରରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗିବ । ଜାତୀୟ ରାଜପଥ ୩୫୩ ଅଧୀନ ଖରିଆରରୋଡ ଏବଂ ନୂଆପଡ଼ା ସହର ରାସ୍ତାକଡ଼ର ଉଠାଦୋକାନ ଉଚ୍ଛେଦ କରାଯିବ । ପରେ ଡିଏମ୍ ଓଏସ୍‌ଆରଟିସି ନଚିକେତା ତାଣ୍ଡି ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସ୍‌ଷ୍ଟାଣ୍ଡଗୁଡ଼ିକର ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଆମ ବସ୍‌ମାନଙ୍କ ନୂତନ ରୁଟ୍‌ଚାର୍ଟ, ବସଷ୍ଟାଣ୍ଡଗୁଡ଼ିକରେ ମହିଳା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ମହିଳା ପୁଲିସ୍ ନିୟୋଜିତ, ବେସରକାରୀ ବସ୍‌ଗୁଡ଼ିକରୁ ପ୍ରବେଶ ଶୁଳ୍କ ଆଦାୟ, ବସ୍‌ରେ ସର୍ପ୍ରାଇଜ ଚେକିଂ, ଜଳଛତ୍ର ପରିଚାଳନା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥଲା । ବୈଠକରେ ସମସ୍ତ ବ୍ଲକର ବିଡିଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶେଖ୍ ନସିମ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ପରିବହନ ଅଧିକାରୀ ମାନ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ଗର୍ଡ଼ିଆ, ଟିଏସଆଇ ପ୍ରଜନା ପରିମିତା ଧଳ, ନୂଆପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ, ଖରିଆରରୋଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ଖରିଆର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, କ୍ଷୀରୋଦ ପାଢ଼ୀ, ଯାଜ୍ଞସେନୀ ମହାପାତ୍ର, ବିଜୟ ରାଉତରାୟ, ସାମ୍ବାଦିକ ସଂଘ ତରଫରୁ ଘନଶ୍ୟାମ ଭୋଇ, ବେସରକାରୀ ବସ୍ ଆସୋସିଏସନ ନୂଆପଡ଼ାର ସଭାପତି ପ୍ରକାଶ ସ୍ୱାଇଁ, ଖଡ଼ିଆଳର ରବୀନ୍ଦ୍ର ସିଂ ଖଣ୍ଡୁଜା ଓ ଅକ୍ଷୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ ।




# ଆସ୍ଥା ଭୋଟରେ ହାରିଲେ ପାଡ଼େପଦର ସରପଞ୍ଚ

**ଥୁଆମୂଳରାମପୁର, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପାଡେପଦର ପଞ୍ଚାୟତର ସରପଞ୍ଚଙ୍କ ମନମୁଖି କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ୮ ଜଣ ୱାର୍ଡ ମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଥିଲେ ।ୱାର୍ଡ ମେମ୍ବରମାନେ କଳାହାଣ୍ଡି ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଜଣାଇଥିଲେ । କଳାହାଣ୍ଡି ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ୱାର୍ଡ ମେମ୍ବରମାନଙ୍କର ଅଭିଯୋଗ ଶୁଣି ୱାର୍ଡ ମେମ୍ବରମାନଙ୍କର ଦସ୍ତଖତ ଯାଞ୍ଚ କରିବାକୁ ଥୁଆମୂଳ ରାମପୁର ତହସିଲଦାର ନିରଜ କୁମାର ଭତ୍ରାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପରେ ତହସିଲଦାର ଶ୍ରୀ ଭତ୍ରା ଦସ୍ତଖତ ଯାଞ୍ଚ କରି ଉପ ଜିଲ୍ଲାପାଳଙ୍କ ନିକଟକୁ ପଠାଇଥିଲେ । ପାଡେପଦର ପଞ୍ଚାୟତରେ ଅନାସ୍ଥା ପ୍ରସ୍ତାବ ଉପରେ ତହସିଲଦାର ଶ୍ରୀଭତ୍ରାଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବୈଠକ କରାଯାଇଥିଲା । ବୈଠକରେ ଦୁଇ ତୃତୀୟାଂଶ ୱାର୍ଡ ମେମ୍ବର ମାନେ ସରପଞ୍ଚଙ୍କୁ ହଟାଇବାକୁ ସମର୍ଥନ କଲେ ।ଉଚ୍ଚ ନ୍ୟାୟାଳୟ ୨୭ ନଭେମ୍ବର ୨୦୨୪ ରେ ଭେଟ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଫଳାଫଳ ପ୍ରକାଶ ନକରିବା ପାଇଁ କହିଥିଲେ । ସରପଞ୍ଚ ସମ୍ବାରୀ ମାଝୀଙ୍କ ହାଇକୋର୍ଟରେ କରିଥିବା ମାମଲାକୁ ଶୁଣାଣି କରି ହାଇକୋର୍ଟ ବିଚାରପତି ଆର୍. କଜ ପଟ୍ଟନାୟକ ତାରିଖ ୭, ୩, ୩୦୨୫ ତାରିଖ ଦିନ ଏକ ରାୟ ପ୍ରକାଶ କଲେ ।ଭୋଟ ଗଣତି କରି ତାର ଫଳାଫଳ ପ୍ରକାଶ କରିବା ପାଇଁ ମଙ୍ଗଳବାର କଳାହାଣ୍ଡି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପୁଲିସର ସୁରକ୍ଷା ବଳୟରେ ଭୋଟ ବାକ୍ସକୁ ତହସିଦାର ଓ ଜିପିଇଓ ତ୍ରିଲୋଚନ ନାଏକ, ପାଡେପଦର ପଞ୍ଚାୟତକୁ ପହଞ୍ଚାଇ ଥିଲେ ଓ ସମସ୍ତ ୱାର୍ଡ ମେମ୍ବର ସରପଞ୍ଚ, ନାଇବ ସରପଞ୍ଚଙ୍କ ଉପସ୍ଥିତିରେ ଭୋଟ ଗଣତି କରିଥିଲେ ।ସରପଞ୍ଚ ସମ୍ବାରୀ ମାଝୀଙ୍କ ସପକ୍ଷରେ ତିନୋଟି ଭୋଟ ପଡ଼ିଥିବା ବେଳେ ନାଏବ ସରପଞ୍ଚ ମହେନ୍ଦ୍ର ନାଏକ ୮ଟି ଭୋଟ ପାଇ ବିଜୟ ହୋଇଥିବା ସୂଚନା ମିଳିଛି ।



# ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ



**ସୋନପୁର, ୨୫।୩(ସମିସ):** ଦେବଭୂମି ସୁବର୍ଣ୍ଣପୁରର ତ୍ରିବେଣୀ ସଙ୍ଗମ ତଟସ୍ଥ ରାମେଶ୍ୱରଠାରେ ସପ୍ତାହବ୍ୟାପୀ ଚାଲିଥିବା ଶ୍ରୀଜଗନ୍ନାଥ ମହୋତ୍ସବ ମଙ୍ଗଳବାର ଭକ୍ତିମୟ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଲକ୍ଷ ଲକ୍ଷ ଭକ୍ତଙ୍କୁ ଭକ୍ତି ଭାବନାରେ ମହୋତ୍ସବ ବାନ୍ଧି ରଖିପାରିଛି । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ବିସ୍ତାର ଲକ୍ଷ୍ୟରେ ଶ୍ରୀଜଗନ୍ନାଥଙ୍କ ଦୁର୍ଲ୍ଲଭ ବତିଶ ବେଶ, ପଞ୍ଚକୁଣ୍ଡୀୟ ଘୃତଯଜ୍ଞ ସହ ରାମେଶ୍ୱର ନିତ୍ୟକୁଞ୍ଜରେ ଚାଲିଥିବା ଚବିଶ ପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି ପଡ଼ିଛି । ୭ଦିନ ଧରି ଅନୁଷ୍ଠିତ ଶ୍ରୀଜଗନ୍ନାଥ ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିବାବେଳେ ଜଗନ୍ନାଥ ମଞ୍ଚର ତ୍ରିଆଲତି ପର୍ବ ସହ ପ୍ରବଚନ ଓ ଭଜନକୁ ଲୋକେ ବିଳମ୍ବିତ ରାତି ଯାଏଁ ଉପଭୋଗ କରିଛନ୍ତି । ସ୍ୱତନ୍ତ୍ର ୩୨ ବେଶ ଆଗରେ ପ୍ରତିଦିନ ୩୨ଜଣ ଦମ୍ପତ୍ତି ବିଷ୍ଣୁ ସହସ୍ର ନାମ ପଠନ କରିଥିବାବେଳେ ଦୁର୍ଲ୍ଲଭ ବେଶ ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ଭାବେ ଉଭା ହୋଇଥିଲା । ସନ୍ଧ୍ୟାରେ ଶ୍ରୀଜଗନ୍ନାଥ କଥାମୃତକୁ ନେଇ ଜଗନ୍ନାଥ ସଂସ୍କୃତି ପ୍ରବାଚକଙ୍କ ପ୍ରବଚନକୁ ହଜାର ହଜାର ଭକ୍ତିପୂତ ଶ୍ରଦ୍ଧାଳୁ ମନନ କରିଛନ୍ତି । ଏହି ଅବସରରେ 'ଦାରୁବ୍ରହ୍ମ' ସ୍ମରଣିକା ସାଧୁସନ୍ଥଙ୍କ ହାତରେ ଲୋକାର୍ପିତ ହୋଇଛି । ପାତାଳି ଶ୍ରୀକ୍ଷେତ୍ର ଭାବେ ପରିଚିତ ସୁବର୍ଣ୍ଣପୁର ମାଟିରେ ପ୍ରଥମଥର ଭାବେ ଆୟୋଜିତ ଶ୍ରୀଜଗନ୍ନାଥ ମହୋତ୍ସବ ତଥା ୩୨ ବେଶ ଦର୍ଶନ ଦ୍ୱାରା ଶ୍ରଦ୍ଧାଳୁଙ୍କ ମନରେ ଭିନ୍ନ ଆଧ୍ୟାତ୍ମିକତାର ଭାବବାରି ହୋଇ ପଡ଼ିଛି । ମଙ୍ଗଳବାର ମହୋତ୍ସବର ପୁନଃଶ୍ଚରଣ ଦିବସର ବ୍ରାହ୍ମ ମୁହୂର୍ତ୍ତରେ ରାମେଶ୍ୱର ତ୍ରିବେଣୀ ସଙ୍ଗମ ଘାଟରେ ସାଧୁସନ୍ଥଙ୍କ ସାହିସ୍ନାନ ପରେ ଶ୍ରଦ୍ଧାଳୁମାନେ ଅମୃତ ସ୍ନାନ କରିଥିଲେ । ମହୋତ୍ସବ କମିଟି ପକ୍ଷରୁ ସାଧୁସନ୍ଥ ଓ ଯଜ୍ଞରେ ନିୟୋଜିତ ଆଚାର୍ଯ୍ୟଙ୍କ ସେବପୂଜା ସହ ବସ୍ତ୍ରଦାନ କରାଯାଇଥଲା । ପଞ୍ଚକୁଣ୍ଡୀୟ ଘୃତଯଜ୍ଞ, ୨୪ ପ୍ରହର ନାମଯଜ୍ଞ ଓ ବତିଶ ବେଶ ସହ ଶ୍ରୀଗୋପାଳ ପୂଜନର ପୂର୍ଣ୍ଣାହୁତି ପଡ଼ିଛି । କମିଟିର ସମସ୍ତ ସଦସ୍ୟ, କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ଶ୍ରଦ୍ଧାଳୁମାନେ ଅବିର ମାଖି ସଂକୀର୍ତ୍ତନ, ହରିବୋଲ ତଥା ଜୟ ଜଗନ୍ନାଥ ଧ୍ୱନୀରେ ସଂକୀର୍ତ୍ତନ ସହ ସହର ପରିକ୍ରମା କରି ମହୋତ୍ସବ ପୂର୍ଣ୍ଣକୁମ୍ଭକୁ ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିଥିଲେ । ପୂର୍ଣ୍ଣାହୁତି ପରେ ହଜାର ହଜାର ଭକ୍ତ ଆନନ୍ଦ ବଜାରରେ ଅନ୍ନ ପ୍ରସାଦସେବନ କରିଛନ୍ତି ।

## ମଦ ରନ୍ଧା ସାମଗ୍ରୀ ଜବତ;୨ କୋର୍ଟ ଚାଲାଣ

**କୋକସରା, ୨୫ ।୩(ସମିସ):** କୋକସରା ବ୍ଲକ କୁଲେରଗୁଡା ନିକଟସ୍ଥ ସାହାଜଖୋଲ ଜଙ୍ଗଲ ଇଲାକାବର୍ତ୍ତି ଅଞ୍ଚଳରେ ହାତରନ୍ଧା ଦେଶୀମଦ ପ୍ରସ୍ତୁତ କରି ଗିରଫ ହୋଇଥିବା ୨ଜଣ ବ୍ୟକ୍ତିଙ୍କୁ କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ କୁଲେରଗୁଡା ଗ୍ରାମର ସନ୍ତୋଷ ନାଏକ ଓ ଚିତ୍ତରଞ୍ଜନ ନାଏକ ।ସୂଚନାଅନୁସାରେ, ସୋମବାର କୋକସରା ଅବକାରୀ ଥାନା ପକ୍ଷରୁ ସାହାଜଖୋଲ ଜଙ୍ଗଲ ଇଲାକା ବର୍ତ୍ତି ଅଞ୍ଚଳରେ ବେଆଇନ ଦେଶୀ ହାତରନ୍ଧା ମଦ ପ୍ରସ୍ତୁତ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ୩୦ ଲିଟର ହାତରନ୍ଧା ଦେଶୀମଦ ଜବତ କରାଯିବା ସହ ମଦରନ୍ଧା ସାମଗ୍ରୀ ନଷ୍ଟ କରାଯାଇଥିଲା । ଏହା ସହିତ କୁଲେରଗୁଡା ଗ୍ରାମର ସନ୍ତୋଷ ନାଏକ ଓ ଚିତ୍ତରଞ୍ଜନ ନାଏକଙ୍କୁ ଗିରଫ କରାଯାଇ ଥାନାକୁ ଅଣାଯାଇଥିଲା । ଏହି ଘଟଣାରେ ମଙ୍ଗଳବାର ଗିରଫ ସନ୍ତୋଷ ଓ ଚିତ୍ତରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କୋକସରା ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି ।

## ୩୦ରେ କଳାହାଣ୍ଡି ଆସିବେ ମୁଖ୍ୟମନ୍ତ୍ରୀ

**ଭବାନୀପାଟଣା, ୨୫ ।୩(ସମିସ):** ଜିଲ୍ଲାପାଳଙ୍କ କନଫେରନ୍ସ ହଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ନେଇ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ କେତକ ସୂଚନା ପ୍ରଦାନ କରିଛନ୍ତି । କଳାହାଣ୍ଡି ଜିଲ୍ଲାକୁ ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କରିବେ ।ପୂର୍ବାହ୍ନ ୧୦ଟା ୩୦ରୁ ମଧ୍ୟାହ୍ନ ୧୨ଟ ୩୦ସୁଦ୍ଧା ସାଧାରଣ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ଜିଲ୍ଲାର ଭବାନୀପାଟଣାସ୍ଥିତ କ୍ରୀଷ୍ଣା ନଗର ପଡ଼ିଆଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ 'ଅନ୍ତୋଦୟ ଗୃହ ଯୋଜନା'ର ଶୁଭାରମ୍ଭକରିବେ । ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୩୨ଶହ ଜଣକୁ ଅନ୍ତୋଦୟ ଯୋଜନାରେ ଗୃହ ପ୍ରଦାନ କରାଯିବ ।ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି । ଉକ୍ତଦିନ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ ଏକ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି ।

# ନବ ସାକ୍ଷରଙ୍କ ପରୀକ୍ଷା



**ଭବାନୀପାଟଣା, ୨୫ ।୩ (ସମିସ):** ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲାରେ ମୋଟ ୧୧୦୦ ପ୍ରାଥମିକ ସ୍କୁଲରେ ୧୩୯୬୫ ଜଣ ନବସାକ୍ଷରଙ୍କ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷାରେ ୪୭୬୮ ପୁରୁଷ, ୯୧୯୭ମହିଳା ପରୀକ୍ଷାର୍ଥି ପରୀକ୍ଷା ଦେଇଥିଲେ । ଜିଲ୍ଲାଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ଶୁଭଲକ୍ଷ୍ମୀ ନାଏକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।ଉକ୍ତ ପରୀକ୍ଷାକୁ ୧୩ଟି ବ୍ଲକର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି, ବ୍ଲକସ୍ତରରେ ତଦାରଖ କରିଥିଲେ । ସମସ୍ତ ପ୍ରଧାନ ଶିକ୍ଷକ ଓ ସହଶିକ୍ଷକ ସହଯୋଗ କରି ପରୀକ୍ଷାକୁ ସଫଳ ଆୟୋଜନ କରିଥିଲେ ।

## ନବ ଭାରତ ସାକ୍ଷରତା ତାଲିମ ଶିବିର ଉଦ୍‌ଯାପିତ

**କର୍ଲାମୁଣ୍ଡା, ୨୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ନବଭାରତ ସାକ୍ଷରତା ସ୍ୱେଚ୍ଛାସେବୀଙ୍କ ।ଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି ।ସୋମବାର ପ୍ରଥମ ଦିବସରେ ରାଜପୁର ପଞ୍ଚାୟତ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୋରାଡବରା ପଞ୍ଚାୟତ ଜୋରାଡବରା ଉଚ୍ଚ ବିଦ୍ୟାପୀଠ, ରେଗଡ଼ା ପଞ୍ଚାୟତ ଭୋଇ ପଡ଼ା ପ୍ରାଥମିକ ବିଦ୍ୟାଳୟ, ରଷିଡା ପଞ୍ଚାୟତର ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପୃଥକ ପୃଥକ ଭାବେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ ରଣା ଓ ଗୋପମଣୀ ସାହୁ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସେହିପରି ବିଭିନ୍ନ ତାଲିମ ଶିବିରରେ ସାଧନ କର୍ମୀ ଭାବେ ରେଙ୍ଗାଲି ସିଆରସିସି ଉଜ୍ୱଳ ସାହୁ, ନୋଡାଲ ସିଆରସିସି ପ୍ରସନ୍ନ ସାହୁ, ରେଗଡ଼ା ସିଆରସିସି ପ୍ରଭାବ ରଞ୍ଜନ ବନଛୋର, ଜୋରାଡବରା ସିଆରସିସି ଯୁଗଳ ନାଗ, ପୌରକେଲା ସିଆରସିସି ମିଲାପ କୁମାର, ଶିକ୍ଷକ ଦାଶରଥି ଭୋଇ, କାମଦେବ କମ୍ପ, କୁମାର ତରୁଣ ଗହୀର, ତୃପ୍ତି ରଞ୍ଜନ ନାଥ, ପ୍ରତାପ ପଧାନ ପ୍ରମୁଖ ଯୋଗ ଦେଇ ଅଣ ସାକ୍ଷରମାନଙ୍କୁ ସ୍ୱେଚ୍ଛାସେବୀ ସହାୟକମାନେ କିଭଳି ପାଠ ପଢେଇବା ସହ ପାଠ ପ୍ରତି ଆକୃଷ୍ଟ କରିବେ ତାଲିମ ପ୍ରଦାନ କରିଥିଲେ ।ବ୍ଲକର ୪ଟି ତାଲିମ କେନ୍ଦ୍ରରେ ୨୧୬ ଜଣ ସ୍ୱେଚ୍ଛାସେବୀ ସହାୟକ/ସହାୟିକା ଅଂଶ ଗ୍ରହଣ କରିଥିଲେ ।

## ବିଭିନ୍ନ ଯୋଜନାର ଲୋକାର୍ପଣ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୨୫ ।୩(ସମିସ):** ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ନିକଟରେ ଲୋକାର୍ପିତ ହେବାକୁ ଯାଉଥିବା ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବାୟୋ ବନ୍ଦନା ଯୋଜନା ଲୋକାର୍ପଣ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଯୋଜନାଟି ୨୦୨୫ଏପ୍ରିଲ ମାସର ପ୍ରଥମ ସପ୍ତାହରେ ଶୁଭାରମ୍ଭ ହେବାକୁ ଯାଉଛି । କଳାହାଣ୍ଡି ଜିଲ୍ଲାର ସମସ୍ତ ୪୬ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାମୟିକ ଭାବେ ଅନୁଷ୍ଠିତ ହେବ । ପ୍ରଶାସନିକ ଅଧିକାରିଣୀ ସ୍ନିଗ୍ଧାରାଣୀ ପ୍ରଧାନ ସରକାରଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଯାଉଥିବା ଅନ୍ୟ ନୂତନ ଯୋଜନା ଆୟୁଷ୍ମାନ, ବାୟୋ ବନ୍ଦନା ଯୋଜନା ଉପରେ ଆଲୋକପାତ କରିଥିଲେ । ବର୍ତ୍ତମାନ ସୁଦ୍ଧା ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନାରେ ଏବି ପିଏମଜେଏଓ୍ୱାଇ ରେ ପ୍ରାୟ ୧୭ ଲକ୍ଷ ସଦସ୍ୟ ସାମିଲ ହୋଇସାରିଛନ୍ତି ଏବଂ ପୁନଶ୍ଚ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ଭାବେ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ୍ ହୋଇ ନିଜର କାର୍ଯ୍ୟ ତୁଲାଇ ବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ବୈଠକରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ.ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ରଞ୍ଜନ ମିଶ୍ର, ପ୍ରଶାସନିକ ଅଧିକାରୀ ସ୍ନିଗ୍ଧାରାଣୀ ପ୍ରଧାନ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟାଳୟ ଫର୍ମାସିଷ୍ଟ, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୋଡାଲ ଅଫିସର, ଜିଲ୍ଲା ସଂଯୋଜକ ଏସ୍‌ଏଚ୍‌ଏଏସ୍ ବିଭୁ ଚରଣ ନାଏକ, ଅତିରିକ୍ତ ଜିଲ୍ଲା ସଂଯୋଜକ ପୁଷ୍ପାଞ୍ଜଳି ସାହୁ, ସମସ୍ତ ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସଂଯୋଜକ ସିଏସ୍‌ସି ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପ୍ରସଙ୍ଗ, ୨୭ରେ ବିଧାନସଭା ଘେରଉ

**ବିନିକା, ୨୫।୩(ସମିସ):** ୧୨କଂଗ୍ରେସ ବିଧାୟକଙ୍କୁ ଗୃହରୁ ନିଲମ୍ବନ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବିନିକା ବ୍ଲକ କଂଗ୍ରେସ ଦଳର ସଭାପତି ରବୀନ୍ଦ୍ର ହୋତା ସୂଚନା ଦେଇଛନ୍ତି ।ସେହିପରି ଆସନ୍ତା ୨୭ତାରିଖରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ବିଭିନ୍ନ ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବିଧାନସଭା ଘେରଉ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରାଯିବ ବୋଲି ଶ୍ରୀ ହୋତା କହିଛନ୍ତି । ସ୍ଥାନୀୟ ବିନିକା ଚନ୍ଦ୍ରମା ସଭାଗୃହରେ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ଅଧକ୍ଷତାରେ ବୈଠକରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ କିପରି ବ୍ଲକ ଓ ଏନ୍‌ଏସିରୁ ଶତାଧିକ କର୍ମୀ ସାମିଲ ହେବେ ସେନେଇ ଆଲୋଚନା ହୋଇଥିଲା । ଏଥିରେ ପର୍ଯ୍ୟବେକ୍ଷକ ଭାବେ ସୁଧୀର ପଣ୍ଡା ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ପ୍ରତିବାଦ କରିବା ସମୟ ଆସିଛି । ତେଣୁ ତୃଣମୂଳସ୍ତରରୁ ସମସ୍ତ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ନରେନ୍ଦ୍ର ସାହୁ, ବିଜୟ ଭୋଇ, ଶ୍ରୀନିବାସ ଖମାରୀ, ରଶ୍ମିରଞ୍ଜନ ବିଶି, କୃଷ୍ଣ ପଧାନ, ସୁବ୍ରତ ପାତ୍ର, ଆନନ୍ଦ ଦାଶ, ନରସିଂହ ମିଶ୍ର, ନୀଳାଞ୍ଚଳ ଷାଣ୍ଢ, ରବି ଭଏନା, ବିଶ୍ୱନାଥ ନେଗୀ, ବିଶ୍ୱାମିତ୍ର ପଣ୍ଡା ଉପସ୍ଥିତ ଥିଲେ ।

## ବଡିବିଲ୍ଡର୍ସ ବୈରାଗୀଙ୍କୁ ସମ୍ବର୍ଦ୍ଧନା

**ବିନିକା, ୨୫ ।୩(ସମିସ):** ବଲାଙ୍ଗିରରେ ଅନୁଷ୍ଠିତ ପଶ୍ଚିମ ଓଡ଼ିଶା ସ୍ତରୀୟ ବଡି ବିଲ୍ଡର୍ସ ଚାମ୍ପିଅନସିପ ଅର୍ଥାତ ସୁନ୍ଦର ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ଫେରିଥିବା ବିନିକା ମାଟିର ସନ୍ତାନ ବୈରାଗୀ ପ୍ରଧାନଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଇଛି । ବିନିକା ସ୍ପୋର୍ଟସ କ୍ଲବ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିନିକା ସ୍ପୋର୍ଟସ କ୍ଲବ ଓ ଅଞ୍ଚଳର ସଚେତନ ନାଗରିକଙ୍କ ତରଫରୁ ଉପଢ୍ୱୌକନ ଦେଇ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ ଶ୍ରୀ ପ୍ରଧାନ ଅଞ୍ଚଳରୁ ପ୍ରଥମ କରିଯାଇ ଏହି ପ୍ରତିଯୋଗିତାରେ ନିଜର ଦକ୍ଷତା ବଳରେ ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରି ବିନିକା ମାଟି ପାଇଁ ଗୌରବ ସୃଷ୍ଟି କରିଛନ୍ତି । ତାଙ୍କର ଉଦ୍ୟମ ଯୁବ ପ୍ରତିଭାଙ୍କୁ ପ୍ରେରଣା ଦେବ ଏବଂ ଆଗାମୀ ଦିନରେ ଯୁବ ପ୍ରତିଭା ଉକ୍ତ ପ୍ରତିଯୋଗିତାରେ ଭାଗନେଇ ସଫଳ ହେବେ ବୋଲି ବରିଷ୍ଠ ଓକିଲ ତଥା ସଚେତନ ନାଗରିକ ସନ୍ତୋଷ ପଣ୍ଡା କହିଛନ୍ତି ।

# ବୌଦ୍ଧ ଆଦର୍ଶ କୃଷକ ବଜାରରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ

**ବୌଦ୍ଧ, ୨୫ ।୩(ସମିସ):**

ବୌଦ୍ଧ ଆଦର୍ଶ କୃଷକ ବଜାରରେ ଅନ୍ତର୍ଜାତୀୟ ସମବାୟବର୍ଷ୨୦୨୫ ଅବସରରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ପାଳିତ ହୋଇଯାଇଛି ।ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ ।ସମବାୟ ସମିତି ସମୂହର ଉପନିବନ୍ଧକ ହାଡିବନ୍ଧୁ ମହାଖୁଡଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ବିନାୟକ ପୃଷ୍ଟି, ସଭାପତି, ବୌଦ୍ଧ ସମବାୟ ସଂଘ ପୟୋଧର ମହାକୁଡ଼, ସମ୍ପାଦକ, ବୌଦ୍ଧ ସମବାୟ ସଂଘ ସତ୍ୟଜିତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ ।କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସମବାୟ ସମିତିର କର୍ମକର୍ତ୍ତା ଓ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟକ୍ତିଗତ ହିତାଧିକାରୀ, ଜେଏଲଜି, ବଳରାମମାନଙ୍କୁ ଋଣ ଚେକ ମାଧ୍ୟମରେ ବଣ୍ଟନ କରାଯାଇଥିଲା ।ମନୁପାଲି ଧରିତ୍ରୀ ପନିପରିବା ଉତ୍ପାଦନ ସମବାୟ ସମିତି ଲିଃ, ମନମୁଣ୍ଡା, ହରଭଙ୍ଗା ଓ ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି ଲିଃଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ତଥା ଉତ୍କୃଷ୍ଟ ସମବାୟ ସମିତି ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନିରୀକ୍ଷକ ଅରୁପା ନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




# ଆଗକୁ ଏନ୍‌ଇପି ୨୦୨୦ ନାମଲେଖା ପର୍ବ

**ନୂଆପଡ଼ା, ୨୫।୩(ସମିସ):** ଚଳିତ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବାଲ୍ ବାଟିକା ପାଇଁ ଶିଶୁଙ୍କ ନାମଲେଖା ପର୍ବ ଆରମ୍ଭ ହେଉଛି । ଶିକ୍ଷକମାନେ ଘରକୁ ଘର ବୁଲି ଶିଶୁ ଓ ଅଭିଭାବକମାନଙ୍କୁ ନିମନ୍ତ୍ରଣପତ୍ର ବାଣ୍ଟୁଛନ୍ତି । ଏହିକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଲିଆବନ୍ଧା ତରଫରୁ ସରକାରଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣପତ୍ର ଅପ୍ରେଲ ୨ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ ପାଇଁ ବଣ୍ଟନ କରାଯାଇଛି । ମଶାନକୁଣ୍ଡା ସାଧନକେନ୍ଦ୍ର ସଂଯୋଜକ ମନୋଜ ବରିହା, ପ୍ରଧାନଶିକ୍ଷକ ସମୀର ବେହେରା ଓ ବରିଷ୍ଠ ଶିକ୍ଷକ କିଶୋର ପରିଡ଼ା, ଅଙ୍ଗନବାଡି କର୍ମୀ ଦିନାମଞ୍ଜରୀ ଭୋଇ ଘର ଘର ବୁଲି ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନକରିଥିଲେ । ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି -୨୦୨୦ ଅନୁଯାୟୀ ରାଜ୍ୟରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି । ଏଥିରେ ୫ ବର୍ଷରୁ ଅଧିକ ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ । ସେଥିପାଇଁ ଆସନ୍ତା ଅପ୍ରେଲ ୨ତାରିଖ ଦିନ ସାରା ରାଜ୍ୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହିକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ନିମନ୍ତ୍ରଣପତ୍ର ବଣ୍ଟନ କରି କାର୍ଯ୍ୟକ୍ରମରେ ବହୁଳସଂଖ୍ୟାରେ ଯୋଗଦେବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରୁଥିବାର ସୂଚନା ସାଧନକେନ୍ଦ୍ର ସଂଯୋଜକ ମନୋଜ ବରିହା ଦେଇଛନ୍ତି ।



